## ସଂକ୍ଷେପରେ

### ମହାନଦୀ ମୁହାଣରେ ଫସିଲା ବୋଟ୍

**ପାରାଦୀପ, ୪।୩ (ସ୍ୱ.ପ୍ର.):** ମହାନଦୀ ମୁହାଣ ଅଞ୍ଚଳକୁ ଡିସିଆଇ (ଡ୍ରେଜିଂ କର୍ପୋରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ଖୋଳାଯାଇଥିଲା। ମାତ୍ର ସପ୍ତାହକ ପରେ ସେହି ସ୍ଥାନରେ ବୁଧବାର ଏକ ମାଛଧରା ବୋଟ ବାଲିରେ ଲାଗିଯାଇଥିବା ଜଣାପଡ଼ିଛି। ପ୍ରାୟ ଏକଘଣ୍ଟା କସରତ କରାଯିବା ଓ ଜୁଆର ଆସିବା ପରେ ବୋଟକୁ ଉଦ୍ଧାର କରାଯାଇଥିଲା। ବାସୁଦେବ ନାମକ ବୋଟ୍‌ଟି ମାଛ ଧରି ବନ୍ଦରକୁ ଫେରୁଥିବା ବେଳେ ବାଲିରେ ଲାଗିଯାଇଥିଲା। ସେତେବେଳେ ପାଣି ଛାଡ଼ ସମୟ ଥିବାରୁ ଗଭୀରତା ଜଣା ନ ପଡ଼ିବାରୁ ଡଙ୍ଗାଟି ବାଲିରେ ଚଢ଼ି ଯାଇଥିଲା। ସୂଚନାଥାଉ କି, ମହାନଦୀ ମୁହାଣ ପୋତି ହୋଇ ପଡୁଥିବାରୁ ପ୍ରତିବର୍ଷ ଏଭଳି ଦୁର୍ଘଟଣାମାନ ଘଟୁଥିଲା। ତେବେ ଚଳିତବର୍ଷ ବନ୍ଦର କର୍ତ୍ତୃପକ୍ଷ ସେହି ସ୍ଥାନ ଖନନ କରିଥିଲେ। ବୋଟ୍ ବାଲିରେ ଫସିବା ସମ୍ପର୍କରେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ କୁହନ୍ତି, ମୁହାଣ ନିର୍ଦ୍ଦିଷ୍ଟ ଅଞ୍ଚଳ ଖନନ କରାଯାଇଛି। ସେହି ବାଟ ଦେଇ ଡଙ୍ଗା ନେବା ଆଣିବା କରାଗଲେ କୌଣସି ଅସୁବିଧା ହେବ ନାହିଁ।

### ଛାତ୍ରୀଙ୍କ ଆତ୍ମହତ୍ୟା

**ରଘୁନାଥପୁର, ୪। ୩ (ଡି.ଏନ.ଏ.):** ରଘୁନାଥପୁର ଥାନା ହାଟବଜାରସ୍ଥ ଦେବେନ୍ଦ୍ର ମହାପାତ୍ରଙ୍କ କନ୍ୟା ସାଇ ଭବାନୀ ବୁଧବାର ସକାଳୁ ଉପର ତାଲା ଘରେ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଦିନକ ପୂର୍ବରୁ ସାଇଭବାନୀଙ୍କ ମାଟ୍ରିକ ପରୀକ୍ଷା ସରିଥିବା ବେଳେ ଆତ୍ମହତ୍ୟା ଘଟଣା ସନ୍ଦେହ ଘେରରେ ରହିଛି। ପରୀକ୍ଷା ଦେଇ ସାରିବା ପରେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରର କବାଟ ଦେଇ ଶୋଇଥିଲେ। ପରିବାର ଲୋକେ କବାଟ ବାଡେଇ ଡାକିବାରେ ସେ କୌଣସି ଉତ୍ତର ଦେଇ ନ ଥିଲେ। ବାଧ ହୋଇ ଘରର କବାଟ ପରିବାର ଲୋକେ ଭାଙ୍ଗିଥିଲେ। ତେବେ ସେ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଘର ଲୋକ ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଆପମୃତ୍ୟୁ ମାମଲା ରୁଜୁ କରିଛି।

### ଟ୍ରକ୍ ଟାଙ୍କିରୁ ଡିଜେଲ ଚୋରି

**ରଘୁନାଥପୁର, ୪। ୩ (ଡି.ଏନ.ଏ.):** ରଘୁନାଥପୁର ଥାନାଠାରୁ ଶହେ ମିଟର ଦୂରରେ ଥିବା ଅଟୋ ଷ୍ଟାଣ୍ଡ ନିଟରେ ଟ୍ରକ ରଖି ଚାଳକ ଓ ହେଲପର ଶୋଇ ପଡିଥିଲେ। ବୁଧବାର ଭୋରୁ କେହି ଦୁର୍ବୃତ୍ତ ଟ୍ରକ୍ ତେଲ ଟାଙ୍କି ଖୋଲି ୨୫୦ ଲିଟର ଡିଜେଲ ଚୋରି କରି ନେଇ ଯାଇଛନ୍ତି। ସ୍ଥାନୀୟ ଲୋକେ ଏହା ଦେଖି ଚାଳକଙ୍କୁ ଡାକିବା ପରେ ଦୁର୍ବୃତ୍ତମାନେ ଏକ କାରରେ ଡିଜେଲ ନେଇ ପଳାଇ ଯାଇଥିଲେ। ଉକ୍ତ ଟ୍ରକଟି ମଧ୍ୟପ୍ରଦେଶରୁ ରଙ୍ଗ ବୋଝେଇ କରି ଆଣି ରଘୁନାଥପୁରର ଏକ ଦୋକାନରେ ଅନ୍‌ଲୋଡ କରିଥିଲା। ବିଳମ୍ବିତ ରାତିରେ ନ ଫେରି ଟ୍ରକଟିକୁ ଅଟୋ ଷ୍ଟାଣ୍ଡରେ ରଖି ଦୁହେଁ ଶୋଇ ପଡିଥିଲେ। ଟ୍ରକ ଡ୍ରାଇଭର ମହମ୍ମଦ ଇସ୍ତାକ ଚୋରି ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ହେଲେ ପୋଲିସ ଦୁର୍ବୃତ୍ତଙ୍କୁ ଗିରଫ କରିପାରିନାହିଁ।

# ୭୫.୮୫ ଲକ୍ଷରେ ନିଲାମ ହେଲା ଦୀପ ଦୋକାନ

**ଶାରଳା ମନ୍ଦିର**
- ଭୋଗ ପାଇଁ ଏକକ ଆବେଦନ ଯୋଗୁ ନିଷ୍ପତ୍ତି ହୋଇପାରିନାହିଁ
- ପାର୍କିଂ, ଜୋତା ଷ୍ଟାଣ୍ଡ ପାଇଁ କେହି ଆବେଦନ କଲେନାହିଁ
- ଶୌଚାଳୟ ପାଇଁ ମଧ ଅସମ୍ପୂର୍ଣ୍ଣ ଆବେଦନ ଯୋଗୁ ନାକଚ

**ଜଗତ୍‌ସିଂହପୁର ଅଫିସ, ୪।୩**

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା ମନ୍ଦିର ପରିସରରେ ଥିବା ଜୋତା ଷ୍ଟାଣ୍ଡ, ପାର୍କିଂ, ଭୋଗ, ଦୀପ ଓ ପୂଜା ସାମଗ୍ରୀ ଦୋକାନ ପାଇଁ ପ୍ରତିବର୍ଷ ନିଲାମ ହୁଏ। ଏହି ଅନୁଯାୟୀ ଚଳିତବର୍ଷ ପାଇଁ ବୁଧବାର ନିଲାମ ଅନୁଷ୍ଠିତ ହୋଇଥିଲା। ଏହି ନିଲାମରେ କେବଳ ଦୀପ ଓ ପୂଜା ସାମଗ୍ରୀ ଦୋକାନକୁ ଛାଡିଦେଲେ ଅବଶିଷ୍ଟ ଜୋତା, ଭୋଗ, ପାର୍କିଂ ଓ ଶୌଚାଳୟ ପାଇଁ ନିଲାମଧାରୀ ଚୂଡ଼ାନ୍ତ ହୋଇପାରି ନାହାନ୍ତି। ଦୀପ ଓ ପୂଜା ସାମଗ୍ରୀ ଦୋକାନ ପାଇଁ ୩ ଜଣ ଆବେଦନ କରିଥିବା ବେଳେ ତ୍ରିଲୋଚନ ରାଉଳ ୭୫,୮୫,୫୫୦ ଟଙ୍କାରେ ନିଲାମ ହାତେଇବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ଭୋଗ ଦୋକାନ ପାଇଁ କେବଳ ଚନ୍ଦନ କୁମାର ପଣ୍ଡା ଆବେଦନ କରିଥିଲେ। ସେ ପାଖାପାଖି ୮୦,୫୩,୩୦୩ ଟଙ୍କାରେ ନିଲାମ ନେବାକୁ ଚାହିଁଥିବାରୁ ତାଙ୍କୁ ନିଲାମ ଦିଆଯିବ କି ନାହିଁ ତାହା ଚୂଡ଼ାନ୍ତ ହୋଇପାରିନାହିଁ। ଏ ସମ୍ପର୍କରେ ନିଷ୍ପତ୍ତି ଜିଲାପାଳ ତଥା ମନ୍ଦିର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ସଂଗ୍ରାମ କେଶରୀ ମହାପାତ୍ର ନେବେ ବୋଲି ମନ୍ଦିର ନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଜିଲାପାଳଙ୍କ ନିକଟକୁ ଫାଇଲ ଯିବ ଏବଂ ସେ ଏହା ଉପରେ ବିଚାର କରି ଯାହା ନିଷ୍ପତ୍ତି ନେବେ ତାହା କାର୍ଯ୍ୟକାରୀ କରାଯିବ। ଅନ୍ୟପଟେ ପାର୍କିଂ ଓ ଜୋତା ଷ୍ଟାଣ୍ଡ ପାଇଁ କେହି ଆବେଦନ କରିନାହାନ୍ତି। ଶୌଚାଳୟ ପାଇଁ ଜଣେ ଆବେଦନ କରିଥିଲେ ସୁଦ୍ଧା ଅସମ୍ପୂର୍ଣ୍ଣ ଫର୍ମ ଯୋଗୁ ତାହା ନାକଚ ହୋଇଯାଇଛି। ଏବେ ପାର୍କିଂ, ଜୋତା ଷ୍ଟାଣ୍ଡ ଓ ଶୌଚାଳୟ ନେଇ ପୁନଃ ନିଲାମ ହେବ କି ନାହିଁ ତା' ଉପରେ ଜିଲାପାଳ ନିଷ୍ପତ୍ତି ନେବେ।

ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୧୦ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଟେଣ୍ଡର ବାକ୍ସରେ ଫର୍ମ ପକାଇବାକୁ ସୁଯୋଗ ଦିଆଯାଇଥିଲା। ଏହି ଅନୁଯାୟୀ ଦୀପ ଓ ପୂଜା ସାମଗ୍ରୀ ଦୋକାନ ପାଇଁ ୩ ଜଣ ସ୍ଥିରୀକୃତ ଅମାନତ ରାଶି ୫୦ ହଜାର ଟଙ୍କା ଲେଖାଏ ମନ୍ଦିର ଆକାଉଣ୍ଟରେ ଜମା କରିଥିଲେ। ପରେ ୫୦୦ ଟଙ୍କା ଲେଖାଏ ଦେଇ ଫର୍ମ କିଣି ନିଲାମ ପକାଇଥିଲେ। ସେମାନଙ୍କ ମଧ୍ୟରୁ ତ୍ରିଲୋଚନଙ୍କ ନିଲାମ ରାଶି ସର୍ବାଧିକ ଥିବାରୁ ତାଙ୍କୁ ଏହି ଦୋକାନ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏପ୍ରିଲ ୧ରୁ ସେ ଦୋକାନ ଖୋଲିବେ। କିନ୍ତୁ ୯ ତାରିଖ ସୁଦ୍ଧା ନିଲାମ ରାଶିର ୩୦% ଅର୍ଥାତ୍ ପାଖାପାଖି ୨୫ ଲକ୍ଷ ଟଙ୍କା ଜମା କରିବେ। ପରେ ୬ଟି କିସ୍ତିରେ ଅବଶିଷ୍ଟ ରାଶି ଜମା କରିବାକୁ ସର୍ତ୍ତ ରଖାଯାଇଛି। ଭୋଗ ଦୋକାନ ପାଇଁ ଏକକ ଟେଣ୍ଡର ହୋଇଥିବାରୁ ଅଡୁଆ ବଢିଯାଇଛି। ଏକକ ଟେଣ୍ଡରକୁ ଗ୍ରହଣ କରାଯିବ କି ନାହିଁ ତା' ଉପରେ ଜିଲାପାଳ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ତାଙ୍କ ନିଲାମ ବାତିଲ ହୋଇଗଲେ ଆଉଥରେ ନିଲାମ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଜୋତା ଓ ପାର୍କିଂ ପାଇଁ କେହି ଆବେଦନ କରି ନ ଥିଲେ ସୁଦ୍ଧା ପୁଣିଥରେ ନିଲାମ ହେବ କି ନାହିଁ ତା'ଉପରେ କିଛି ନିଷ୍ପତ୍ତି ହୋଇପାରିନାହିଁ। କିନ୍ତୁ ଏହା ଉପରେ ନିଲାମ ନ ହେବା ଉଚିତ ବୋଲି ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ସେମାନ କହିବା କଥା, ଗତବର୍ଷ ପାର୍କିଂ ଦାୟିତ୍ୱ ନେଇଥିବା ବ୍ୟକ୍ତି ଯାତ୍ରୀଙ୍କ ଉପରେ ଜୁଲାମ କରିବାରୁ ଅସନ୍ତୋଷ ତୀବ୍ର ହୋଇଥିଲା। ବାଇକ୍ ଓ ୪ ଚକିଆ ଯାନରୁ ଅର୍ଥ ଆଦାୟ ହୋଇପାରିବ ନାହିଁ ବୋଲି ସର୍ତ୍ତ ଥିଲେ ସୁଦ୍ଧା ନିଲାମଧାରୀ ଏହାକୁ ଅମାନ୍ୟ କରି ମନଇଚ୍ଛା ଆଦାୟ କରି ଚାଲିଥିଲେ। ପରିସ୍ଥିତି ବିଗିଡିଯିବାରୁ ଜିଲାପାଳ ହସ୍ତକ୍ଷେପ କରିଥିଲେ। ଶେଷରେ ନିଲାମଧାରୀ ପାର୍କିଂ ଦାୟିତ୍ୱରୁ ଓହରି ଯାଇଥିଲେ। ସେବେଠାରୁ ପାର୍କିଂ ଓ ଜୋତା ଷ୍ଟାଣ୍ଡ ଦାୟିତ୍ୱ ମନ୍ଦିର ପ୍ରଶାସନ ନେଇଛି। ଏହା ଲୋକଙ୍କ ମନରେ ଆଶ୍ୱସ୍ତି ଭାବ ସୃଷ୍ଟି କରିଛି। ନିଲାମ ବାକ୍ସରେ ଫର୍ମ ପକାଯିବା ପରେ ଅପରାହ୍ନରେ ଏହା ଖୋଲାଯାଇଥିଲା। ସୁରକ୍ଷା ପାଇଁ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଥିଲା।

# ଇଫ୍‌କୋ ପକ୍ଷରୁ ସୁରକ୍ଷା ଦିବସ



ସଚେତନତା ରଥ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରୁଛି।

**ପାରାଦୀପ, ୪।୩ (ସ୍ୱ.ପ୍ର.)**

ପାରାଦୀପ ଇଫ୍‌କୋ ପକ୍ଷରୁ ବୁଧବାର ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ କମ୍ପାନୀ କର୍ମଚାରୀ, ଶ୍ରମିକ, ଠିକାସଂସ୍ଥା ପ୍ରମୁଖଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଏଥିରେ କାରଖାନା ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ ଯୋଗଦେଇ ସୁରକ୍ଷା ନିରାପତ୍ତା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ୟୁନିଟ୍ ମୁଖ୍ୟ କେ.ଜେ. ପଟେଲ୍ କହିଥିଲେ, ଇଫ୍‌କୋ ସୁରକ୍ଷା ଦିଗରେ ସବୁବେଳେ ପ୍ରାଧାନ୍ୟ ଦେଇଆସିଛି। ଫଳରେ ବିଗତ ୩ ବର୍ଷ ଧରି ଦୁର୍ଘଟଣା ଶୂନ ରହିଛି। ଆଗାମୀ ଦିନରେ ସେହି ଧାରା ବଜାୟ ରଖିବାକୁ ପଟେଲ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ସେଫ୍ଟି ଅଫିସର ଏ.କେ. ସିଂହ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଦୂଷିତ ଅଞ୍ଚଳରେ ଜୈବିକ ପଦ୍ଧତିରେ ଚାଷ

**ପାରାଦୀପ, ୪।୩ (ସ୍ୱ.ପ୍ର.)**

ଓଡ଼ିଶାର ସବୁଠାରୁ ମାରାତ୍ମକ ପ୍ରଦୂଷିତ ଅଞ୍ଚଳ ପାରାଦୀପ। ୧୮,୪୫୦ ଏକର ଭୌଗୋଳିକ ସୀମାରେ ତେଲ, କୋଇଲା, ଲୁହାପଥର, କାର୍ବନ, ଧୂଳି, ଧୂଆଁ, ରସାୟନ ଆଦିକୁ ନେଇ ବିବିଧ ପ୍ରଦୂଷଣ ହେଉଛି। ସେହି ସୀମା ମଧ୍ୟରେ ଶୁଦ୍ଧ ପାଣି, ପବନ ଓ ଖାଦ୍ୟ ସାମଗ୍ରୀ ଏବେ ସ୍ୱପ୍ନ ହୋଇଗଲାଣି। ସେହି ପ୍ରଦୂଷିତ ଅଞ୍ଚଳ ବିଶେଷକରି ବନ୍ଦରାଞ୍ଚଳ ମଧ୍ୟରେ ଏବେ ଜଣେ ସରକାରୀ କର୍ମଚାରୀ ଜୈବିକ ଫାର୍ମ ଆରମ୍ଭ କରିଛନ୍ତି। କୌଣସି ସାର ବା କୀଟନାଶକ ବିନା ସେହି ଜୈବିକ କ୍ଷେତରୁ ବିଭିନ୍ନ ଶାଗ, ପନିପରିବା ଅମଳ ହେଉଛି। ସେହି ପରିବା ଖାଇବାକୁ ବେଶ୍ ଭଲ ଲାଗୁଛି ଏବଂ ଅସଲି ସ୍ୱାଦ-ବାସ୍ନା ମିଳୁଛି। ସକାଳ ହେଲେ ସ୍ଥାନୀୟ କେତେଜଣ ଲୋକ ଜୈବିକ ଫାର୍ମ ପାଖ ନଈକୂଳରେ ଗାଡି ଲଗାଇ ପରିବା ପାଇଁ ଅପେକ୍ଷା କରୁଥିବା ଦେଖାଯାଉଛି। ଏଭଳି ଚାଷୀ ହେଲେ ବନ୍ଦର କର୍ମଚାରୀ ତଥା ଟ୍ରଷ୍ଟି ପରେଶ ମୁର୍ମୁ। ମଧୁବନ ଭୀମ ଭୋଇ କଲୋନୀ ପଛପଟ କଂସାରୀ ପାଟିଆ ନଦୀ ମଝିରେ ଥିବା ଦୀପରେ ସେ ଏହି ଜୈବିକ ଫାର୍ମ କରିଛନ୍ତି। ସେହି ଜାଗାର ଦକ୍ଷିଣ ପାର୍ଶ୍ୱରେ ପିପିଏଲ୍ କାରଖାନା ପାଚେରି। ପାଚେରି ପାଖରେ ରହିଛି ଜିପ୍‌ସମ୍ ପାହାଡ଼। ଅନ୍ୟ ୩ ପାର୍ଶ୍ୱରେ ନଦୀ।


ଖେତରେ ଜୈବିକ ଉପାୟରେ କରାଯାଇଥିବା ଫସଲ।

ସେହି ୬.୫ ଏକର ଜାଗା ମାର୍ଶାଘାଇ ଅଞ୍ଚଳର ଜଣେ ବ୍ୟକ୍ତିଙ୍କର। ୧୯୯୯ ମହାବାତ୍ୟା ପୂର୍ବରୁ ସେଠାରେ ମାଛ, କୁକୁଡ଼ା ଆଦି ଚାଷ ହେଉଥିବା ବେଳେ ମହାବାତ୍ୟା ପରେ ସବୁ ଉଜୁଡ଼ିଯାଇଥିଲା। ଏହାପରେ ଉକ୍ତ ଜାଗାଟି ପରିତ୍ୟକ୍ତ ଭାବେ ପଡ଼ିରହିଥିଲା। ତେବେ ସେହି ଜାଗାକୁ ପରେଶ ବୁଝାମଣା ସୂତ୍ରରେ ନେଇ ଆରମ୍ଭ କରିଥିଲେ ଜୈବିକ ଚାଷ। ଏବେ ମାତ୍ର ସମ୍ପୂର୍ଣ୍ଣ ଜାଗାର ଏକ ଚତୁର୍ଥାଂଶରେ ପରିବା ଲଗାଯାଇଛି। ବିଭିନ୍ନ ଶାଗ, କାକୁଡ଼ି, ବାଇଗଣ, ଟମାଟୋ, କଞ୍ଚାଲଙ୍କା, କଖାରୁ, ଧନିଆପତ୍ର, ଜହ୍ନି, ଶିମ୍ବ ଆଦି ଫଳ ହେଉଛି। ବିଦ୍ୟୁତ୍-ପାନୀୟ ସଂଯୋଗ ନ ଥିବାରୁ ସୋଲାର ସିଷ୍ଟମ ଦ୍ୱାରା ଫସଲ କ୍ଷେତକୁ ଆଲୋକିତ କରାଯାଇଛି। ଏଥିସହ ଜଳସେଚନ ପାଇଁ ସେହି ସ୍ଥାନରେ ଏକ ନଳକୂପ ଖୋଳାଯାଇଛି। ପରିବାଚାଷ ସହ ଆଗାମୀ ଦିନରେ ସେଠାରେ ବିଭିନ୍ନ ପ୍ରକାର ଫଳନ୍ତି ଗଛ ଓ କୁକୁଡ଼ା ଫାର୍ମ କରାଯିବାକୁ ଚେଷ୍ଟା ଚାଲିଛି। ତାହା ସଫଳ ହେଲେ ସମଗ୍ର ଜମିରେ ଜୈବିକ ଚାଷ ହେବ ବୋଲି ପରେଶ କହିଛନ୍ତି। ଯାତାୟାତ ପାଇଁ ନଦୀରେ ଭାସମାନ ରଶି ହୁଲି ବ୍ୟବହାର କରାଯାଉଛି। ପୂର୍ବରୁ ଯେମିତି ବିନା ସାର କୀଟନାଶକରେ ଚାଷ କରାଯାଉଥିଲା, ସେହିଭଳି ଚାଷ କରାଯାଉଛି। ସେଥିପାଇଁ ଫାର୍ମରୁ ଉତ୍ପାଦିତ ପରିବାର ସ୍ୱାଦ ଅନ୍ୟ କ୍ଷେତର ପରିବାଠାରୁ ଭଲ ବୋଲି ବନ୍ଦରର କର୍ମଚାରୀ ବିଶ୍ୱରଞ୍ଜନ ଦାସ କହିଛନ୍ତି। ଉକ୍ତ ଜୈବିକ ଚାଷ ପ୍ରଣାଳୀ ଏବେ ଅନ୍ୟମାନଙ୍କ ପାଇଁ ଭିନ୍ନ ବାର୍ତ୍ତା ଦେଇଛି।

# କଂକ୍ରିଟ ରାସ୍ତା ଉପରେ ପିଚୁ କାମ

**ନାଉଗାଁ-ଜାମୁଗାଁ-ବାଲିକୁଦା ରାସ୍ତା**


କଂକ୍ରିଟ୍ ରାସ୍ତା ଉପରେ ପିଚୁ ପ୍ୟାଚ୍ ପକାଯାଇଛି।

- ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ବର୍ଷେ ତଳେ ନିର୍ମିତ ରାସ୍ତାରୁ ଗୋଡ଼ି ଉଠିବା ନେଇ ଅସନ୍ତୋଷ

**ନାଉଗାଁ, ୪।୩ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଛକଠାରୁ ଜାମୁଗାଁ ଦେଇ ବାଲିକୁଦାକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ବ୍ଲକ ଛକ ନିକଟ ଜାମୁଦଣ୍ଡା ନିକଟରୁ ବୁଧବାରଠାରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ବର୍ଷକ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ଏହି ରାସ୍ତା କଂକ୍ରିଟ୍ କରାଯାଇଥିବା ବେଳେ ଏବେ ଏଥିରୁ ଗୋଡ଼ି ବାହାରି ଯାଉଥିବାରୁ ପୁନର୍ବାର ଏହାର ମରାମତି ପାଇଁ ବ୍ୟୟବରାଦ କରାଯାଇଛି। ହେଲେ ଏଥିପାଇଁ କେଉଁ ପର୍ଯ୍ୟନ୍ତ ମରାମତି ହେବ ଓ ଏଥିଲାଗି କେତେ ଅର୍ଥ ବ୍ୟୟ ବରାଦ ହୋଇଛି, ସେ ନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଉନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରାସ୍ତା ଖରାପ ହେଲେ ରାସ୍ତା ନିର୍ମାଣ କରିଥିବା ଠିକା ସଂସ୍ଥା ଏହାର ମରାମତି କରିବା କଥା। ହେଲେ ତାହା କରା ନ ଯାଇ କଂକ୍ରିଟ ରାସ୍ତା ଉପରେ ପିଚୁ ପକାଯାଇ ମରାମତି କରାଯାଉଛି।

ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁସାରେ, ପ୍ରାୟ ବର୍ଷେ ତଳେ ଜାମୁଗାଁରୁ ତାଳପୋଖରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ହେଲେ ନିମ୍ନମାନର କାମ ହୋଇଥିବାରୁ ମାତ୍ର ବର୍ଷେ ପରେ ରାସ୍ତାର ବିଭିନ୍ନ ସ୍ଥାନରୁ ଗୋଡ଼ି ଉଠି ଖାଲ ସୃଷ୍ଟି ହୋଇଥିଲା। ତେଣୁ ବିଭାଗ ପକ୍ଷରୁ ରାସ୍ତା ମରାମତି ପାଇଁ ଅନ୍ୟଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ କଂକ୍ରିଟ ଉପରେ ପିଚୁ ପକାଯାଇ ମରାମତି କରାଯାଉଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ସହ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାର ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ସନ୍ତୋଷ ମହାପାତ୍ରଙ୍କୁ ପଚାରିବାରେ କଂକ୍ରିଟ ଉପରେ ପିଚୁ କରାଗଲେ କିଛି ଅସୁବିଧା ହେବନାହିଁ। ଯଦି ପୂର୍ବରୁ କୌଣସି ଠିକାଦାର ଉକ୍ତ କାର୍ଯ୍ୟ କରିଥିଲେ ଏବଂ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ରାସ୍ତା ଖରାପ ହୋଇଥିବ, ତାହେଲେ ତାଙ୍କର ସିକ୍ୟୁରିଟି ଅର୍ଥ ଫେରସ୍ତ କରାଯିବ ନାହିଁ ବୋଲି କହିଛନ୍ତି।

## ଯୌତୁକଜନିତ ବଧୂହତ୍ୟା ମାମଲା | ଧରମ ମା', ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ

**କୁଜଙ୍ଗ, ୪।୩ (ଡି.ଏନ.ଏ.)**

ଏକ ଯୌତୁକଜନିତ ବଧୂହତ୍ୟା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। କୁଜଙ୍ଗ ଅତିରିକ୍ତ ଜିଲା ଓ ଦୌରାଜଜ ପ୍ରଣବ କୁମାର ରାଉତରାୟ ମାମଲାର ବିଚାର କରି ଅଭିଯୁକ୍ତ କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ଅଞ୍ଚଳର ଧରମ ମା' ଓ ପୁଅକୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୧୦ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୩ ମାସ ଜେଲଦଣ୍ଡାଦେଶ ଭୋଗିବାକୁ ରାୟରେ ଶୁଣାଇଛନ୍ତି। ରାୟ ପ୍ରକାଶ ପାଇବାପରେ ପୀଡ଼ିତା ପରିବାର ସତ୍ୟର ଜୟ ହେଲା ବୋଲି ପ୍ରତିକ୍ରିୟାରେ କହିଛନ୍ତି। ସୂଚନା ଅନୁସାରେ, କୁଜଙ୍ଗ ଥାନା ଅଧୀନ ବାଲିଆ ଗ୍ରାମର ଦିବାକର ବେହେରାଙ୍କ ଝିଆରୀ ମାମିନାଙ୍କ ୨୦୧୫ ଜୁଲାଇ ୧୮ରେ ଗୋପିଆକୁଦ ଅଞ୍ଚଳର ରାମଚନ୍ଦ୍ର ରାଉତଙ୍କ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ କନ୍ୟାପକ୍ଷରୁ ବରପକ୍ଷର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଶାଶୁଘର ଲୋକେ ଅଧିକ ଯୌତୁକ ଆଣିବାକୁ ମାମିନାଙ୍କ ଉପରେ ଚାପ ପକାଇଥିଲେ। ଏପରି କି ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନ ଦେଉଥିଲେ। ୨୦୧୫ ଅକ୍ଟୋବର ୬ରେ ରାମଚନ୍ଦ୍ର ଏବଂ ତାଙ୍କ ଧରମ ମା' ମିନୀ ସାହୁ ମାମିଙ୍କୁ କିରୋସିନ ଢାଳି ପୋଡ଼ି ହତ୍ୟା କରିଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ କର୍ଣ୍ଣ ମାମଲା ପରିଚାଳନା କରୁଥିଲେ।

## ଜାଗୃତିରେ ବିଶ୍ୱ ଶ୍ରବଣ ଦିବସ

**ପାରାଦୀପ, ୪।୩ (ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଦ୍ୱାରା ପରିଚାଳିତ ଭିନ୍ନକ୍ଷମ ସ୍କୁଲ ଜାଗୃତିରେ ବୁଧବାର ବିଶ୍ୱ ଶ୍ରବଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ଲେଡିଜ୍ କ୍ଲବ ପକ୍ଷରୁ ଶ୍ରବଣ ବାଧିତ ଛାତ୍ରୀଛାତ୍ରଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯିବା ସହ ଶୁଣିବା ପ୍ରଣାଳୀ ଉପରେ ଶିକ୍ଷା ଦିଆଯାଇଥିଲା। ଲେଡିଜ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ, ସ୍କୁଲ ଅଧକ୍ଷା ନଳିନୀ ମହାନ୍ତି, ଭାଗ୍ୟଲକ୍ଷ୍ମୀ ଯୋଶୀ, ବନ୍ଦନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାଇପ୍‌ଲାଇନ କାର୍ଯ୍ୟକୁ ପୁଣି ବିରୋଧ

**କୁଜଙ୍ଗ, ୪।୩ (ଡି.ଏନ.ଏ.):** ଇଣ୍ଡିଆନଅଏଲ ପକ୍ଷରୁ କରାଯାଉଥିବା ପାରାଦୀପ-ହାଇଦରାବାଦ ପାଇପ ଲାଇନ କାର୍ଯ୍ୟ ଯୋଗୁ କୁଜଙ୍ଗ ଥାନା ବାଲିତୁଠ, ବଡ଼ବୁଦା, ବିଜିପୁର, ଆଲିଗଡ, ପାଣିଗଡିଆକନ୍ଧା ଏବଂ ଗଡକୁଜଙ୍ଗ ଗ୍ରାମର ୧୦୬ ଚାଷୀ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ କ୍ଷତିଗ୍ରସ୍ତ ଚାଷୀ ଉଚିତ କ୍ଷତିପୂରଣ ଦାବିରେ ୮ମାସରୁ ଊର୍ଦ୍ଧ୍ୱ ହେବ ଆନ୍ଦୋଳନ କରି ଆସୁଛନ୍ତି। ଏଥିଯୋଗୁ କାମ ବନ୍ଦ ରହିଥିଲା। ମାତ୍ର ବୁଧବାର ପ୍ରଶାସନ ପକ୍ଷରୁ ପୁଣି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାକୁ କ୍ଷତିଗ୍ରସ୍ତ ଚାଷୀ ନେତା ମାନସ ରଞ୍ଜନ କର ଓ ଚାଷୀମାନେ ପୂର୍ବପରି ବିରୋଧ କରିଥିଲେ। ଫଳରେ କାମ ବନ୍ଦ ରହିଥିଲା। ଖବରପାଇ ଘଟଣାସ୍ଥଳରେ କୁଜଙ୍ଗ ଥାନା ଆଇଆଇସି ଦିଲୀପ ସାହୁ, ଅଭୟଚାନ୍ଦପୁର ଥାନା ଅଧିକାରୀ ଯୁଗୋଳ କିଶୋର ଦାସ, ଏକ ପ୍ଲାଟୁନ ପୋଲିସ ଫୋର୍ସ ସମେତ ଭାରତୀୟ ତୈଳ ନିଗମ ଅଧିକାରୀ ସୌରଭ ଶର୍ମା ସରକାର ଏବଂ ଅହମ୍ମଦ ଜିସନ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହାର ସମାଧାନ ହେବାପରେ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ଯେଉଁ ଜମି ପାଇପ ଲାଇନରେ ଯାଉଛି ସେହି ଜମିର ଡେସିମିଲ ପିଛା ୧୯୦୦ ଟଙ୍କା କ୍ଷତିପୂରଣ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ଚାଷୀ ରାଜି ନ ହେବାରୁ ପରବର୍ତ୍ତୀ ସମୟରେ କମ୍ପାନୀ କର୍ତ୍ତୃପକ୍ଷ ଡେସିମିଲ ପିଛା ୭୫୦୦ ଟଙ୍କା ଦେବାପାଇଁ କହିଥିଲେ। ଚାଷୀ ଏବେ ଏଥିରେ ରାଜି ନାହାନ୍ତି। ପୂର୍ବାହ୍ନରେ ପ୍ରଶାସନ ପୋଲିସ ସହାୟତାରେ ଚିହ୍ନଟଜମିରେ ମେଶିନ ଲଗାଇ ମାଟି ଖୋଳା ଆରମ୍ଭ କରିଥିଲା।


ପୋଲିସ, ପ୍ରଶାସନିକ ଅଧିକାରୀ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

# ବୁଣାକାରଙ୍କ ରୋଜଗାର ପ୍ରତି ଦିଆଯିବ ଗୁରୁତ୍ୱ

**ରଘୁନାଥପୁର, ୪। ୩ (ଡି.ଏନ.ଏ.)**


ବୟନ ଗ୍ରାମରେ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ବୟନଶିଳ୍ପ ମନ୍ତ୍ରୀଙ୍କ ବୟନ ଗ୍ରାମ ପରିଦର୍ଶନ**

ରାଜ୍ୟର ପ୍ରଥମ ବୟନ ଗ୍ରାମ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଜୟପୁରସ୍ଥିତ ପାର୍ବତୀ ତନ୍ତବାୟ ସମିତିକୁ ରାଜ୍ୟ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ପରିଦର୍ଶନରେ ବୁଧବାର ଆସିଥିଲେ। ବୁଣାକାରଙ୍କ ସମସ୍ୟା ପଚାରି ବୁଝିବା ସହ ସେମାନଙ୍କ ରୋଜଗାର ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ପୂର୍ବାହ୍ନରେ ମନ୍ତ୍ରୀ ଦିଆନ ବୟନ ଗ୍ରାମରେ ପହଞ୍ଚି ପ୍ରଥମେ ବୁଣାକାରଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସମିତି ମଧ୍ୟରେ ବୁଣାକାର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କଟନ ଶାଢି, ଗାମୁଛା ଆଦିକୁ ବୁଲି ଦେଖିଥିଲେ। ତନ୍ତ ସାହାଯ୍ୟରେ ବୁଣା ଯାଉଥିବା ବିଭିନ୍ନ କଟନ ସାମଗ୍ରୀକୁ ଦେଖି ପସନ୍ଦ ମଧ୍ୟ କରିଥିଲେ। ବୟନ ଗ୍ରାମ ହେବା ଦିନଠାରୁ ଅଦ୍ୟାବଧି କେତେ ବୁଣାକାର ଏହା ମଧ୍ୟରେ ସାମିଲ ହୋଇଛନ୍ତି, କେତେ ପାରିଶ୍ରମିକ ପାଉଛନ୍ତି ସେ ସମ୍ପର୍କରେ ପୂର୍ବତନ କର୍ମକର୍ତ୍ତା ଶୁକଦେବ ପୃଷ୍ଟିଙ୍କଠାରୁ ପଚାରି ବୁଝିଥିଲେ।

ବୁଣାକାର ମହିଳାଙ୍କୁ ସଶକ୍ତ ତଥା ସ୍ୱାବଲମ୍ବୀ କରିବାକୁ ବୟନ ଗ୍ରାମ ପ୍ରତି ଅଧିକ ଗୁରୁତ୍ୱ ଦେବା ଏବଂ ସେମାନେ ଲୁଗା ବୁଣି ଦୈନନ୍ଦିନ କିପରି ରୋଜଗାର ବୃଦ୍ଧି କରିପାରିବେ ସେ ନେଇ ମନ୍ତ୍ରୀ ଦିଆନଙ୍କୁ ପଚରା ଯାଇଥିଲା। ଏହାର ଉତ୍ତର ରଖି ମନ୍ତ୍ରୀ ଦିଆନ କହିଥିଲେ ଯେ, ଧୀରେ ଧୀରେ ମହିଳାମାନେ ଏଥିପ୍ରତି ଆକର୍ଷିତ ହେବା ପରେ ଆଗାମୀ ଦିନରେ ବିଧିବଦ୍ଧ ପ୍ଲାନିଂ ଅନୁଯାୟୀ ସେମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଫଳରେ ସେମାନଙ୍କ ପିଲାମାନେ ମଧ ଏହାକୁ ବୃତ୍ତି ଭାବେ ଆଦରି ନେଇ ପାରିବେ। ଏହଛଡା ବୟନ ଗ୍ରାମ ଏକ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି। ତେବେ କଟକ-ପାରାଦୀପ ରାଜ୍ୟ ରାଜପଥରୁ ବୟନ ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ସୁଦୃଢ଼ୀକରଣ, ଉଜ୍ଜ୍ୱଳ ଆଲୋକ ଏବଂ ପରିବେଶକୁ ଅଧିକ ଆକର୍ଷିତ କରିବାକୁ ପଦକ୍ଷେପ ନିଆଯିବ। ଏଥିପାଇଁ ସେ ନିଜେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଏହି ଅବସରରେ ଟେକ୍ସଟାଇଲ ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ବୟନ ତତ୍ତ୍ୱାବଧାରକ ମାନସ ରଞ୍ଜନ ପାଣିଗ୍ରାହୀ, ବୟନ ନିରୀକ୍ଷକ ଶ୍ରୀନିବାସ ତ୍ରିପାଠୀ, ବୈଷୟିକ ସହାୟକ ବୈଷ୍ଣବ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ତିର୍ତ୍ତୋଲ ବିଧାୟକଙ୍କ ପୁଅ ବିଜୟ ଶଙ୍କର ଦାସ ଓ ବସନ୍ତ ମହାପାତ୍ର ମନ୍ତ୍ରୀଙ୍କୁ ଭେଟି ତିର୍ତ୍ତୋଲ ସ୍ପିନିଂ ମିଲର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ରାଜନଗର,୪।୩(ଡି.ଏନ.ଏ.): ରାଜନଗର ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ତାଙ୍କ ଅସହାୟତାର ସୁଯୋଗ ନେଇ ସୋମବାର ବଳାତ୍କାର କରାଯାଇଛି। ବୁଧବାର ପୀଡିତାଙ୍କ ବାପା ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ ନଂ ୬୪/୨୦୨୦ରେ ମାମଲା ରୁଜୁ କରିଛି। ସଂପୃକ୍ତ ଯୁବତୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଅଭିଯୁକ୍ତ ଫେରାର ଥିବା ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ବ୍ରହ୍ମ ସନାତନ ଯଜ୍ଞ

ଡେରାବିଶ,୪।୩ (ସ୍ୱ.ପ୍ର.):ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ପାଣିଓଳାସ୍ଥିତ ଶ୍ରୀଅଭିରାମ ଶାନ୍ତି ଆନନ୍ଦାଶ୍ରମ ପରିସରରେ ଭକ୍ତ ସମିତିର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବୁଧବାର ବ୍ରହ୍ମ ସନାତନ ଯଜ୍ଞ ସହ ନାମଯଜ୍ଞ ମଧ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କରମଳା ଶାନ୍ତିଧାମର ବରିଷ୍ଠ ସନ୍ୟାସୀ ଅନ୍ତର୍ଯ୍ୟାମୀ ଦାସ, ହରେକୃଷ୍ଣ ଦାସ, ତ୍ରିଲୋଚନ ଦାସ, ଦିବ୍ୟ ଚୈତନ୍ୟ ଦାସ, ଜନ୍ମେଜୟ ଦାସ, କେଶବ ଦାସ ପ୍ରମୁଖ ଯୋଗଦେଇ ଉପସ୍ଥିତ ଭକ୍ତମାନଙ୍କୁ ଆର୍ଶୀବଚନ ପ୍ରଦାନ କରିଥିଲେ। ଗୁରୁବାର ସନ୍ଧ୍ୟାରେ ବ୍ରହ୍ମ ସନାତନ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ଶାନ୍ତି ଆନନ୍ଦାଶ୍ରମ ପାଣିଓଳା ଭକ୍ତ ସମିତିର କର୍ମକର୍ତ୍ତାମାନେ ଜଣାଇଛନ୍ତି।

### କାଠିଆପଡା ଦକ୍ଷିଣେଶ୍ୱର ଯୁବକ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର




ପଟ୍ଟାମୁଣ୍ଡାଇ,୪।୩(ସ୍ୱ.ପ୍ର.):ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତ କାଠିଆପଡା ଦକ୍ଷିଣେଶ୍ୱର ଯୁବକ ସଂଘ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଇତିମଧରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରାୟ ୩୦୦ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଚଣ୍ଡିଖୋଲ ସାଇ ନେତ୍ର ମନ୍ଦିର ପକ୍ଷରୁ ଡା. ବିଶ୍ୱଜିତ୍ ବେର୍ ଯୋଗଦେଇ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ରୋଗୀମାନଙ୍କ ମଧରୁ ୧୫ଜଣ ରୋଗୀଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଯୁବକ ସଂଘର ପ୍ରିୟବ୍ରତ ପାଢ଼ୀ, ଦେବାଶିଷ ଦାଶ, ଚନ୍ଦନ ଦାଶ, ପ୍ରମୋଦ କର, ସରୋଜକାନ୍ତ ମହାନ୍ତି, ଅବିନାଶ ମହାରଣା, କଳାକର ପଣ୍ଡା, ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପିଲାଙ୍କୁ ପଢ଼ିବାକୁ ଉତ୍ତରାଖଣ୍ଡ ଛାଡିବେନି ଅଭିଭାବକ

**କେନ୍ଦ୍ରାପଡା ଅଫିସ, ୪।୩**



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଭାବକମାନେ।

ଚାଇନା ଦେଶରୁ ସୃଷ୍ଟି ହୋଇଥିବା କରୋନା ଏବେ ବିଶ୍ୱରେ ଆତଙ୍କ ଖେଳାଇଛି। ଭାରତ ସମେତ ବହୁ ଦେଶରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଭୟ ନ କରିବାକୁ ଭାରତ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲେ ମଧ୍ୟ କେନ୍ଦ୍ରାପଡା ଜିଲାରେ ଲୋକଙ୍କ ମଧରେ ଏ ନେଇ ଭୟ ସୃଷ୍ଟି ହୋଇଛି। କେନ୍ଦ୍ରାପଡା ଜବାହର ନବୋଦୟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ଅଭିଭାବକମାନେ କରୋନା ଭୟ ପାଇଁ ସ୍ଥାନାନ୍ତର (ମାଇଗ୍ରେସନ)କୁ ବିରୋଧ କରିଛନ୍ତି। ଏନେଇ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇ ଶିକ୍ଷାର୍ଥୀଙ୍କ ସ୍ଥାନାନ୍ତର ବନ୍ଦ ପାଇଁ ଦାବି କରିଛନ୍ତି। ଏଥିସହିତ ନୂଆଦିଲ୍ଲୀର ନବୋଦୟ ବିଦ୍ୟାଳୟ ସମିତିର କମିଶନର, ଭୋପାଳର ଅତିରିକ୍ତ କମିଶନର, କେନ୍ଦ୍ରାପଡା ଏମପି ଓ କେନ୍ଦ୍ରାପଡା ନବୋଦୟ ବିଦ୍ୟାଳୟର ଅଧକ୍ଷଙ୍କୁ ଏହି ଦାବିପତ୍ରର ନକଲ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଅଭିଭାବକ ବିଭୁତି ଭୂଷଣ ପରିଡା କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପରିଚାଳିତ ଏହି ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀର ଶିକ୍ଷାର୍ଥୀଙ୍କର ୩୦ ପ୍ରତିଶତ ସ୍ଥାନାନ୍ତିକରଣ ହୋଇଥାଏ। ଆସନ୍ତା ଶିକ୍ଷାବର୍ଷରେ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଉତ୍ତରାଖଣ୍ଡ ରୁଦ୍ରପ୍ରୟାଗସ୍ଥ ନବୋଦୟ ବିଦ୍ୟାଳୟକୁ ସ୍ଥାନାନ୍ତିକରଣ ହେବାକୁ ଯୋଜନା ଅଛି।

ଏହାଦ୍ୱାରା ଶିକ୍ଷାର୍ଥୀମାନେ ସଂପୃକ୍ତ ନବୋଦୟ ବିଦ୍ୟାଳୟରେ ସ୍ଥାନୀୟ ଅଞ୍ଚଳର ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଥାନ୍ତି। ତେବେ କରୋନା ପ୍ରଭାବ ଏବେ ଭାରତରେ ଦେଖା ଦେଇଥିବାରୁ ସନ୍ତାନଙ୍କ ଭବିଷ୍ୟତକୁ ଲକ୍ଷ୍ୟ କରି ସ୍ଥାନାନ୍ତିକରଣକୁ ବିରୋଧ କରୁଛୁ। ଏ ନେଇ ଅଭିଭାବକ ହରିପ୍ରିୟା ପାଢ଼ି କୁହନ୍ତି ଯେ, ୨୦୧୩ରୁ ୨୦୧୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରାପଡା ନବୋଦୟ ବିଦ୍ୟାଳୟରୁ

**କେନ୍ଦ୍ରାପଡ଼ାରେ କରୋନା ଭୟ**

ସ୍ଥାନାନ୍ତିକରଣ ହୋଇ ନ ଥିଲା। ଚଳିତ ବର୍ଷ ଏହି ସ୍ଥାନାନ୍ତିକରଣକୁ ପୁର୍ନବାର ଆରମ୍ଭ କରାଯାଉଛି। ତେବେ କରୋନା ପରି ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ରୋଗ ଆମ ମନରେ ଭୟ ଆଣିଛି। ସ୍ଥାନାନ୍ତିକରଣକୁ ଜୋର ଜବରଦସ୍ତ ଶିକ୍ଷାର୍ଥୀଙ୍କ ଉପରେ ଲାଗୁ କରାଗଲେ ବାଧ ହୋଇ ପିଲାମାନଙ୍କୁ ଅନୁଷ୍ଠାନରୁ ଘରକୁ ଫେରାଇ ନେବୁ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ଅଭିଭାବକଙ୍କର ଅଭିଯୋଗ ପତ୍ର ମିଳିଛି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନାକରାଯାଇପଦକ୍ଷେପନିଆଯିବା ସୂଚନାଯୋଗ୍ୟ ଯେ, ଅଭିଭାବକ ବାବନ ଚରଣ ରାଉତ, ବୈରାଗୀ ଚରଣ ଦାଶ, ଅମରି ସାମଲଙ୍କ ନେତୃତ୍ୱରେ ଶତାଧିକ ଅଭିଭାବକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ।

### ଗହୀରମଥାରୁ ୧ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୪।୩ (ଡି.ଏନ.ଏ.)**

ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ଗୋଟିଏ ଟ୍ରଲରକୁ ଜବତ କରାଯାଇଛି। ଏଥିରେ ଥିବା ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇଙ୍କ ନେତୃତ୍ୱରେ ବନବିଭାଗ କର୍ମଚାରୀମାନେ ନିଷିଦ୍ଧାଞ୍ଚଳରେ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ପାଟ୍ରୋଲିଂ କରୁଥିବା ସମୟରେ ଏକକୁଳା ଠାରୁ ୯ କିମି ଦୂରରେ ମାଛ ଧରୁଥିବା ଉପାସନା ନାମକ ଏକ ଟ୍ରଲରକୁ ଜବତ କରିଥିଲେ। ଏଥିରେ ଥିବା ମତ୍ସ୍ୟଜୀବୀ ନିମାଇଁ ମାଇତି, ଶମ୍ଭୁ ପାଲ, ବଳରାମ ମାନ୍ନା, ଚତୁର୍ଭୁଜ ମଣ୍ଡଳ, ସହଦେବ ବେରା, ଚକ୍ରଧର ମଣ୍ଡଳ, ଶ୍ରୀକାନ୍ତ ମାଇତି, ଶୈଳେଶ ପୁଆନର, ଅଶୋକ କୁମାର ସାନ୍ତରାଙ୍କୁ ଗିରଫ କରାଯାଇ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଏବେ ଅନ୍ତଃସତ୍ତ୍ୱା ମା' କଇଁଛମାନେ କୂଳମୁହାଁ ହେଉଛନ୍ତି।

# ଆରଟିଆଇ ସମ୍ପର୍କରେ କର୍ମଶାଳା

**କେନ୍ଦ୍ରାପଡା ଅଫିସ, ୪।୩**



ଆରଟିଆଇ କର୍ମଶାଳାରେ ଆଲୋଚକମାନେ।

ଜିଲା ପ୍ରଶାସନ ପକ୍ଷରୁ ଡିଆରଡିଏ ହଲରେ ବୁଧବାର ଜିଲାସ୍ତରୀୟ ସୂଚନା ଅଧିକାର ଅଧିନିୟମ- ୨୦୦୫ ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ମୁଖ୍ୟଅତିଥି ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲାପାଳ ବର୍ମା, ପିଡି ଦିଲିପ କୁମାର ବେହେରା, ରିସୋର୍ସ ପର୍ସନ ହର୍ଷ ପରିଚ୍ଛା ଏହି ଅଧିନିୟମ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତାଙ୍କ ବିଶ୍ୱାସକୁ ଗୁରୁତ୍ୱ ଦିଆଯାଇଥାଏ। ଉପଯୁକ୍ତ ସମୟରେ ସରକାରୀ ଯୋଜନାର ସୁଫଳ ପାଇଁ ଆରଟିଆଇ ମାଧ୍ୟମରେ ତଥ୍ୟ ପ୍ରଦାନ ଦ୍ୱାରା ସାଧାରଣ ଲୋକଙ୍କ ବିଶ୍ୱାସ ଦୃଢ଼ୀଭୂତ ହୋଇଥାଏ। ରାଜ୍ୟ ସରକାର ଏଥିପାଇଁ ବିଭିନ୍ନ ସରକାରୀ ବିଭାଗକୁ ୫-ଟିରେ ସାମିଲ କରିଛନ୍ତି। ଡିଜିଟାଲ ମାଧ୍ୟମରେ ତଥ୍ୟ ପ୍ରଦାନକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ଅଧିନିୟମ ଅନୁଯାୟୀ ବିଭିନ୍ନ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ନିର୍ଦ୍ଧାରିତ ସମୟରେ ତଥ୍ୟ ପ୍ରଦାନ ପାଇଁ ଆଲୋଚକମାନେ ମତ ଦେଇଥିଲେ। ଏହି କର୍ମଶାଳାରେ ଡିଏସପି ଶୁଭେନ୍ଦୁ ସିଂ, ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ବାସୁଦେବ ଦାସ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। ଏଥିରେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

### ଷଣ୍ଢ ଆକ୍ରମଣରେ ୨ ଆହତ

**ରାଜନଗର,୪।୩ (ଡି.ଏନ.ଏ.)**

ରାଜନଗର ବ୍ଲକ ଅଧୀନ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ର ନାରାୟଣପୁର ଗାଁରେ ମଙ୍ଗଳବାର ଷଣ୍ଢ ଆକ୍ରମଣରେ ଦୁଇଜଣ ଆହତ ହୋଇଛନ୍ତି। ଏହି ଗାଁର ସୁଶୀଳ ମଣ୍ଡଳ (୭୭) ଘରଠାରୁ ୨ଶହ ମିଟର ଦୂରରେ ଥିବା ନଳକୂପ ନିକଟକୁ ଯାଇ ଗୋଡଧୋଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିବା ସହିତ ନଳକୂପ ନିକଟରେ ଥିବା ପାଳଗଦା ଉପରକୁ ଫୋପାଡି ଦେଇଥିଲେ। ପରିବାର ଲୋକେ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସେହି ଗ୍ରାମର ବିଜୟ ମଣ୍ଡଳ ମଧ ଷଣ୍ଢ ଆକ୍ରମଣରେ ଆହତ ହୋଇ ଚିକିତ୍ସିତ ହୋଇଥିଲେ। ଏହାପୂର୍ବରୁ ଗ୍ରାମର ସନ୍ତୋଷ ମଣ୍ଡଳ, ବିରେନ ମଣ୍ଡଳ ଷଣ୍ଢ ଆକ୍ରମଣରେ ଆହତ ହୋଇଥିଲେ। ଗତ କିଛି ଦିନ ହେବ ରାଜନଗର ଅଞ୍ଚଳରେ ଷଣ୍ଢ ଉପଦ୍ରବ ଦେଖାଦେଇଛି। ଷଣ୍ଢ ଲୋକଙ୍କୁ ଅନେକ ସମୟରେ ଆକ୍ରମଣ କରିବା ସହ ଫସଲ ନଷ୍ଟ କରୁଛି। ଏହି ପରିପ୍ରେକ୍ଷୀରେ ଷଣ୍ଢଙ୍କୁ ହଟାଇବା ପାଇଁ ଗତ ଦୁଇମାସ ତଳେ ରାଜନଗର ଠାରେ ଅନୁଷ୍ଠିତ କେନ୍ଦ୍ରାପଡା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଦାବି କରିଥିଲେ। ଜିଲାପାଳ ସମର୍ଥ ବର୍ମା ଷଣ୍ଢମାନଙ୍କୁ ନିରାପଦ ସ୍ଥାନକୁ ନିଆଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି ପ୍ରତିଶ୍ରୁତି ପୂରଣ ହୋଇନାହିଁ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା



ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳା।

**ପଟ୍ଟାମୁଣ୍ଡାଇ,୪।୩(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ବିଶ୍ୱବ୍ୟାଙ୍କ ଅର୍ଥ ବିନିଯୋଗ ଉପରେ ଏକ କର୍ମଶାଳା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋ ଅଧକ୍ଷତା କରିଥିଲେ। ପଟ୍ଟାମୁଣ୍ଡାଇ ଜଳଯୋଗାଣ ଓ ପରିମଳ ବିଭାଗ ଏସଡିଓ ଦିଲୀପ କୁମାର ସାମନ୍ତରାୟ, କନିଷ୍ଠ ଯନ୍ତ୍ରୀ ସୁଦାମ ଚରଣ ସାହୁ ଓ ବ୍ଲକ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଜିଲା ସ୍ୱଚ୍ଛତା ସଂଯୋଜିକା ଇତିଶ୍ରୀ ରାଉତ, ବ୍ଲକ ଡିପିଏମ ସୁମିତ୍ରା ବିଶ୍ୱାଳ ଯୋଗଦେଇ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା ଉପରେ ବକ୍ତବ୍ୟ ରଖିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଞ୍ଚାୟତର ସମସ୍ତ ୱାର୍ଡକୁ ଖତକୁଣ୍ଡ, ବର୍ଜ୍ୟବସ୍ତୁ ପକାଇବା କୁଣ୍ଡ ଯୋଗାଇ ଦିଆଯିବ ବୋଲି ଆଲୋଚନାରୁ ଜଣାଯାଇଥିଲା। ୩୦ଟି ପଞ୍ଚାୟତର ସରପଞ୍ଚ ଯୋଗଦେଇ ଏ ନେଇ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଏଥିପାଇଁ ଅର୍ଥ କେଉଁଠୁ ଆସିବ ବୋଲି ଦୋସିଆ ସରପଞ୍ଚ ପ୍ରଭାତ ପ୍ରଧାନ, ଚନ୍ଦନନଗରର ବବିତା ଦାସ, ବିଲିକଣାର ବିଜୟ ରାଉତ, ବଡ଼ପଡାର କୈଳାସ ସିଂହ, ତରଡିପାଳର ପ୍ରିୟଦର୍ଶିନୀ ତରାଇ, ସଂସାରଫଳର ମୀନତୀ ପାତ୍ର, ଡାମରପୁରର ନିରଞ୍ଜନ ମାଝିଙ୍କ ସମେତ ଅନ୍ୟ ସରପଞ୍ଚ ପ୍ରଶ୍ନ ପଚାରିଥିଲେ। ଜିଲା ମାଷ୍ଟର ଟ୍ରେନର ଭାବେ ଅନନ୍ତ ଚରଣ କର ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ପଞ୍ଚାୟତ ଅଧିକାରୀମାନେ ଯୋଗ ଦେଇଥିଲେ।

# ଜାତୀୟ ନିରାପତ୍ତା ଦିବସ ପାଳିତ

**କେନ୍ଦ୍ରାପଡା ଅଫିସ,୪।୩**




କାକଟ ମଙ୍ଗଳା ସ୍କୁଲରେ ଅତିଥି ଓ କୃତୀ ଛାତ୍ରମାନେ।

ସହରର କାକଟ ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟୁଥ ଆଣ୍ଡ ଇକୋ କ୍ଲବ ପକ୍ଷରୁ ଜାତୀୟ ନିରାପତ୍ତା ଦିବସ ବୁଧବାର ପାଳନ କରାଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଶରତ କୁମାର ରାଉତ ଯୋଗ ଦେଇଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ଘୋଷ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଏବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ, ସିଆରସିସି ବଳଦେବ ପ୍ରସାଦ ଜେନା, ଶିକ୍ଷକ ସ୍ୱପ୍ନାଂଶୁ ଦାସ, ପରିଚାଳନା କମିଟି ସଭାପତି ରଞ୍ଜିତ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଜାତୀୟ ନିରାପତ୍ତାରେ ସାଧାରଣ ନାଗରିକଙ୍କ ଦାୟିତ୍ୱ ବୋଧ ସମ୍ପର୍କରେ ନିଜର ମତ ଦେଇଥିଲେ। ଏହି ଅବସରରେ ଦେଶର ନିରାପତ୍ତା ସମ୍ପର୍କରେ ଚିତ୍ରାଙ୍କନ ପ୍ରଦର୍ଶନୀ ହୋଇଥିଲା। ଅତିଥିମାନେ କୃତୀ ଚିତ୍ରଶିଳ୍ପୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ, ଶିକ୍ଷୟିତ୍ରୀ ସତ୍ୟଭାମା ନାୟକ, ରଞ୍ଜିତା ସେଠୀ, ବନ୍ଦନା ରାଉତ, ଶିକ୍ଷକ ସୌଭାଗ୍ୟ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ପରଲୋକ

**ଡେରାବିଶ, ୪।୩ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମର ଅବସରପ୍ରାପ୍ତ ଇଂ ନିରଞ୍ଜନ ପ୍ରଧାନଙ୍କ ଗତ ସୋମବାର ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପ୍ରଧାନ ଜଳସମ୍ପଦ ବିଭାଗର ଉପଖଣ୍ଡ ଅଧିକାରୀ ଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଅବସର ନେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଭାଇ, ଝିଅ, ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଥିଲା।

# ସାହିତ୍ୟ ଭୂମି ଉନ୍ମୋଚିତ

**ପଟ୍ଟାମୁଣ୍ଡାଇ,୪।୩ (ସ୍ୱ.ପ୍ର.)**



ପୁସ୍ତକ ଉନ୍ମୋଚନ ଅବସରରେ ଉପସ୍ଥିତ ସାହିତ୍ୟିକମାନେ।

ଆଧୁନିକ ମଣିଷ ସଭ୍ୟ ଓ ସଚେତନ ହେବା ପରେ ଅନେକ ମାନବୀୟ ଆବେଦନ ହରାଇ ଆବେଗହୀନ ଜୀବନ ଜିଉଛି। ଯାହା ଫଳରେ ସମାଜ ଶୁଷ୍କ, ନିରସ, ସମ୍ପର୍କହୀନ ହେବାରେ ଲାଗିଛି। ପଟ୍ଟାମୁଣ୍ଡାଇରୁ ପ୍ରକାଶିତ ସାହିତ୍ୟ ପତ୍ରିକା ସାହିତ୍ୟ ଭୂମିର ଲୋକାର୍ପଣ ଉତ୍ସବରେ ଯୋଗଦେଇ ବକ୍ତାମାନେ ଏହି ମତ ରଖିଛନ୍ତି। ଏହି ଉପଲକ୍ଷେ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ଦାସଙ୍କ ପୌରୋହିତ୍ୟରେ ନିକଟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସାହିତ୍ୟ ବିନା ଜୀବନ ନିରସ ବୋଲି କହିବା ସହ ଏହାକୁ ଆହୁରି ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟବକ୍ତା ଭାବେ କବି ଡ. କ୍ଷୀରୋଦ ପରିଡା, ସମ୍ମାନିତ ଅତିଥି ଭାବେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଅଧକ୍ଷ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, କବି ନିରାକାର ଦାସ, କବି ଡ. ପ୍ରଦ୍ୟୁମ୍ନ କେଶରୀ ସେନାପତି ଯୋଗ ଦେଇ ସାମ୍ପ୍ରତିକ ସମାଜରେ ସାହିତ୍ୟର ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନାଟ୍ୟକାର ଗୋଲକ ଚନ୍ଦ୍ର ମହାରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଧ୍ୟାପକ ଆର. ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟ ଭୂମିର ସମ୍ପାଦକ ଗାଳ୍ପିକ ପ୍ରଦୀପ ନାୟକ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ କବି ଭବାନୀ ପ୍ରସାଦ ମହାପାତ୍ର, ସଚ୍ଚିତ୍ର ବେହୁରା, ରାମକୃଷ୍ଣ ଦାଶଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ କୈଳାଶ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ଡ. ପ୍ରମୋଦ ସାମଲ, ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଡା. ଗଦାଧର ମଲ୍ଲିକ, ପରାଗର ସମ୍ପାଦକ ବନମାଳୀ ସେନାପତି, ଗୌରବର ସମ୍ପାଦକ ଶଙ୍କର୍ଷଣ ଦାଶ, ପ୍ରଫେସର ଦେବବ୍ରତ ପ୍ରଧାନ, ବାଟୋଇର ସମ୍ପାଦକ ଶତ୍ରୁଘ୍ନ ତରାଇ, କବି ଅଭିରାମ ସାହୁ, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, କବି ନାରାୟଣ ପ୍ରସାଦ ରାଉଳ, ପ୍ରାଧ୍ୟାପକ ଅତୁଲ ବଳ, ପାପାଲି ଭୂୟାଁ, ଲକ୍ଷ୍ମୀପ୍ରିୟା ଭୂୟାଁ, ଜୟଶ୍ରୀ ଶତପଥୀ, ଲକ୍ଷ୍ମୀପ୍ରିୟା ଦାସ, ଆଡ୍‌ଭୋକେଟ୍ ଭୀମସେନ ପରିଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କ୍ଷୀରୋଦ କୁମାର ମଳିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସୁପ୍ରୀତି ବାରିକ, ସନ୍ଧ୍ୟାରାଣୀ ସାହୁ, ଜ୍ଞାନ ରଞ୍ଜନ ପାତ୍ର, ପ୍ରକାଶ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରୋତ୍ପଳା ନଦୀ ୩ ଗାଁ ମୁହାଁ

**ପାଟକୁରା,୪।୩ (ଡ଼ି.ଏନ୍.ଏ.)**



ବେଡ଼ାରୀ ନିକଟରେ ନଦୀ ଅତଡା ଖାଉଛି।

ଗରଦପୁର ବ୍ଲକ ଅଧୀନ ବେଡାରୀ ଗ୍ରାମ ପଞ୍ଚାୟତର ବେଡାରୀ, ସୋଲପାଟ, କୁଳଡୁଠୀ ଗ୍ରାମ ପାର୍ଶ୍ୱରେ ପ୍ରବାହିତ ଚିତ୍ରୋତ୍ପଳା ନଦୀ ଦ୍ରୁତ ଗତିରେ ଗାଁ ମୁହାଁ ହୋଇଛି। ଗତ ୧୫ ବର୍ଷ ମଧ୍ୟରେ ଏହି ଗ୍ରାମଗୁଡିକର ନଦୀ ପଠାରେ ଥିବା ୫୦୦ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇଗଲାଣି। ଏହି ଉର୍ବର ପଠାରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଆଖୁ, ପୋଟଳ, ଆଳୁ, ବାଇଗଣ, କଖାରୁ, ଚିନାବାଦାମ ସମେତ ବିଭିନ୍ନ ପନିପରିବା ଚାଷ କରି ସେମାନଙ୍କ ପରିବାର ଭରଣ ପୋଷଣ କରିଥାନ୍ତି। ପ୍ରତ୍ୟେକ ବର୍ଷ ବନ୍ୟାରେ ପଟୁ ମାଟି ଆସି ପଡିବା ଦ୍ୱାରା ପଠା ଜମି ଅଧିକ ଉର୍ବର ହୋଇଥାଏ। ଫଳରେ ସେହି ଜମିରେ ଅଧିକ ପରିମାଣର ପନିପରିବା ଉତ୍ପାଦନ ହୋଇଥାଏ। ୧୫ ବର୍ଷ ପୂର୍ବେ ଗ୍ରାମ ପାର୍ଶ୍ୱ ଦେଇ ବହି ଯାଉଥିବା ନଦୀର ୭୫ ଭାଗ ବାଲିରେ ଭରପୁର ଥିବା ବେଳେ କେବଳ ୨୫ ଭାଗରେ ଜଳ ପ୍ରବାହିତ ହେଉଥିଲା। ଏହି ବାଲିକା ଶଯ୍ୟାରେ ଗ୍ରାମର ଯୁବକମାନେ ଅଧିକାଂଶ ସମୟରେ ଖେଳକୁଦ କରୁଥିଲେ। ସୈନ୍ୟବାହିନୀ ସମେତ ବିଭିନ୍ନ ବିଭାଗରେ ଚାକିରି କରିବା ପାଇଁ ଏଠାରେ ଯୁବକମାନେ ଲଙ୍ଗ ଜମ୍ପ, ହାଇଜମ୍ପ ଇତ୍ୟାଦି ଅଭ୍ୟାସ କରିଥାନ୍ତି। ରଜ ତିନି ଦିନ ବେଡାରୀ, ସୋଲପାଟ, କୁଳଡୁଠୀ ଗ୍ରାମ ସମେତ ନଦୀର ଅପରପାର୍ଶ୍ୱରେ ଥିବା ମାଣ୍ଡିଆ ,ରାଘବପୁର ଓ ପୋଦନା ଗ୍ରାମର ଯୁବକମାନେ ଆସି ବାଗୁଡ଼ି, କିତିକିତି ଇତ୍ୟାଦି ଖେଳିଥାନ୍ତି। କିନ୍ତୁ ସମୟ କ୍ରମେ ଚିତ୍ରୋତ୍ପଳା ନଦୀର ସମସ୍ତ ବାଲୁକା ରାଶି ଜଳମଗ୍ନ ହୋଇଯାଇଛି। ଏବେ ନଦୀ ନିକଟ ପଠାରୁ ଅତଡା ଖସି ନଦୀ କ୍ରମଶଃ ଗାଁ ମୁହାଁ ହେବାରେ ଲାଗିଛି। ଜଳସମ୍ପଦ ବିଭାଗ ପକ୍ଷରୁ ଯଥାଶୀଘ୍ର ପଥର ବୁରୁଜ ନିର୍ମାଣ ନ କଲେ ନିକଟ ଭବିଷ୍ୟତରେ ତିନିଗୋଟି ଗ୍ରାମ ନଦୀରେ ବିଲୀନ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଅପରପକ୍ଷରେ ନଦୀ ମଧ୍ୟରେ ଥିବା ବାଲୁକା ରାଶିରେ ଯୁବକମାନେ ଦିନେ ଖେଳକୁଦ କରୁଥିବା କଥା କହିଲେ ଏବେକାର ଯୁବକମାନେ ଏହାକୁ ଗପ ବୋଲି ମନେ କରନ୍ତି। ଏଣୁ ନଦୀ ପଠାରୁ ମୃତ୍ତିକା କ୍ଷୟ ରୋକିବା ପାଇଁ ଉପରୋକ୍ତ ୩ ଗ୍ରାମ ନିକଟ ନଦୀ କଡରେ ପଥର ବୁରୁଜ ନିର୍ମାଣ କରିବାକୁ ଦାବି ହେଉଛି।

**୫୦୦ ଏକରରୁ ଉର୍ଦ୍ଧ୍ୱ ଜମି ନଦୀ ଗର୍ଭରେ ଲୀନ**




# ଭଙ୍ଗାଗଲା ୨୦ କ୍ରଶର

**ଧର୍ମଶାଳା/ଜେନାପୁର,୪।୩(ଡିଏନଏ)**

ଧର୍ମଶାଳା ତହସିଲ ଅଧୀନ ବିଛାଖଣ୍ଡି ଅଞ୍ଚଳରେ ଗଢ଼ି ଉଠିଥିବା ବେଆଇନ କ୍ରଶରଗୁଡିକର ଉଚ୍ଛେଦ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଶାସନ ଅଚାନକ ଚଢ଼ାଉ କରି ପ୍ରଥମ ଦିନରେ ବେଆଇନଭାବେ ଚାଲିଥିବା ୨୦ଟି କ୍ରଶରକୁ ଭାଙ୍ଗି ଦେଇଛି। ଏହି ବେଆଇନ କ୍ରଶର ଉଚ୍ଛେଦ ନେଇ ପୂର୍ବରୁ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସେହିକ୍ରମରେ ଯାଜପୁର ଏଡିଏମ ମିହିର କୁମାର ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଡେପୁଟି ଡାଇରେକ୍ଟର ମାଇନ୍ସ ଆଶିଷ ବେହେରା, ପ୍ରଦୂଷଣ ବିଭାଗ ଅଧିକାରୀ ପ୍ରମୋଦ କୁମାର ବେହେରା, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି, ଶୀତଲ ଅଗ୍ରୱାଲ, ଏସଡିପିଓ ଚିନ୍ମୟ କୁମାର ନାୟକ, ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ଓ ସ୍ଥାନୀୟ ବନବିଭାଗ ଅଧିକାରୀ ରଞ୍ଜନ କୁମାର ମିଶ୍ର ଉପସ୍ଥିତ ରହି ଏହି ଉଚ୍ଛେଦ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ୩ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଧର୍ମଶାଳା ତହସିଲ ପକ୍ଷରୁ ଏଠାରେ ଥିବା ୪୨ଟି କ୍ରଶର ମାଲିକଙ୍କୁ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ହେଲେ ଏହାକୁ ମାଲିକମାନେ ଭୃକ୍ଷେପ ନ କରି ବେଆଇନଭାବେ କ୍ରଶର ଚଳାଉଥିଲେ। ଏହିସବୁ ବେଆଇନ କ୍ରଶରଗୁଡିକୁ ଉଚ୍ଛେଦ କରିବା ପାଇଁ ଜିଲା ଓ ତହସିଲ ପ୍ରଶାସନ ପକ୍ଷରୁ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏ ସମ୍ପର୍କରେ କେହି ସୁରାକ ମଧ୍ୟ ପାଇ ନ ଥିଲେ। ଆକ୍ସନ ମୋଡରେ ଥିବା ପ୍ରଶାସନର ଏଭଳି କାର୍ଯ୍ୟକ୍ରମ ଦେଖି କ୍ରଶର ମାଲିକମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଛନ୍ତି। ପ୍ରଥମେ ସମଗ୍ର ଅଞ୍ଚଳରେ ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯାଇ ଜେସିବି ମେଶିନ ସାହାଯ୍ୟତାରେ କ୍ରଶରଗୁଡିକୁ ଉଚ୍ଛେଦ କରାଯାଉଛି। ସେହିପରି ବାଘୁଆ, ଆରୁହା, ଜାବରା, ବାଜବାଟି ଓ କୁସୁନପୁର ଅଞ୍ଚଳରେ ଥିବା ବେଆଇନ କ୍ରଶରଗୁଡିକ ଉଚ୍ଛେଦ ଲାଗି ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଏହାସତ୍ତ୍ୱେ କ୍ରଶର ଚାଲିଥିଲା। ହେଲେ ବୁଧବାର ପ୍ରଶାସନ ପକ୍ଷରୁ ଅଚାନକ ଚଢାଉ ଯୋଗୁ ଉପରୋକ୍ତ ଅଞ୍ଚଳର କ୍ରଶର ମାଲିକମାନେ ଆତଙ୍କିତ ହୋଇପଡିଛନ୍ତି। ପର୍ଯ୍ୟାୟକ୍ରମେ ନୋଟିସ ହୋଇଥିବା କ୍ରଶରଗୁଡିକୁ ଗୁରୁବାରଠାରୁ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରଶାସନ ପକ୍ଷରୁ ବିଛାଖଣ୍ଡି ଅଞ୍ଚଳରୁ ବେଆଇନ କ୍ରଶର ଉଚ୍ଛେଦ ଚାଲିଛି।

## ବିଛାଖଣ୍ଡିରେ ବେଆଇନ କ୍ରଶର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

# ୫୩ ତମ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

**ଛତିଆ,୪।୩(ଡିଏନଏ)**

ଯାଜପୁର ଜିଲାର ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ ବୈରୀ ଠାରେ ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିବା ୫୩ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଂଶ ଗ୍ରହଣ କରି ଏକ ବର୍ଣ୍ଣାଢ୍ୟ ପରେଡର ଅଭିବାଦନ କରିଥିଲେ। ମୁଖ୍ୟ ଅତିଥି ଅଭୟ ତାଙ୍କ ବକ୍ତବ୍ୟରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗିମାନଙ୍କୁ ଧନ୍ୟବାଦ ଜଣାଇବା ସହ ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବନ୍ଧୁକ ଚାଳନା କ୍ଷେତ୍ରରେ ସର୍ବ ଭାରତୀୟସ୍ତରରେ ଓଡିଶା ପୋଲିସର ଏକ ସୁନାମ ରହିଛି। ଭଲ ଅଭ୍ୟାସ ଜାରି ରଖି ଭବିଷ୍ୟତରେ ସର୍ବଭାରତୀୟ ପୋଲିସ ପ୍ରତିଯୋଗିତାରେ ଅଧିକ ସଫଳତା ହାସଲ କରିବା ପାଇଁ ଏହି ଅବସରରେ ମୁଖ୍ୟ ଅତିଥି ଅଭୟ ପ୍ରତିଯୋଗୀଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ଏସ୍‌ଓଜି ଭୁବନେଶ୍ୱର ସମସ୍ତ ବିଭାଗରେ ୨୫୪୭ ପଏଣ୍ଟ ପାଇ ସାମଗ୍ରିକ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କମିଶନରେଟ୍ ପୋଲିସ ବି ଦଳ ୨୫୨୪ ପଏଣ୍ଟ ପାଇ ଦ୍ୱିତୀୟ ଓ ଆଇଆର୍‌ବି ବାଟାଲିୟନ୍ ଲାୟନ୍ସ ଦଳ ୨୩୮୪ ପଏଣ୍ଟ ପାଇ ୩ୟ, ଓଏସ୍‌ପି ୬ଷ୍ଠ ବାଟାଲିୟନ କଟକ ୨୩୮୨ ପଏଣ୍ଟ ପାଇ ୪ର୍ଥ, ଓଏସ୍‌ପି ୪ର୍ଥ ବାଟାଲିୟନ ରାଉରକେଲା ୨୨୦୬ ପଏଣ୍ଟ ପାଇ ୫ମ ଏବଂ ଓଏସ୍‌ପି ୩ ୟ ବାଟାଲିୟନ କୋରାପୁଟ ୨୧୩୬ ପଏଣ୍ଟ ସହ ୬ଷ୍ଠ ସ୍ଥାନ ହାସଲ କରିବାରେ ସଫଳ ହୋଇଛନ୍ତି। ଚଳିତବର୍ଷ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ପୋଲିସ ଜିଲାର ବାଟାଲିୟନ୍ ଓ ପ୍ରତିଷ୍ଠାନରୁ ୨୪ଟି ଦଳ ଓ ୩୩୬ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏସ୍‌ଏପିର ଡିଜି ମନୋଜ କୁମାର ଛାବ୍ରା, ଏଏସ୍‌ପିର ଅତିରିକ୍ତ ଡିଜି ଆର୍‌ପି କୋଚେ, ଆଡିଶନାଲ ଡିଜି ବିନୟ ତୋଷ ମିଶ୍ର, ଲଳିତ ଦାସ, ପ୍ରାଣବିନ୍ଧୁ ଆଚାର୍ଯ୍ୟ, ଆଇଜି ଅସିତ୍ ସିହ୍ନା, ଅମ୍ରିତେନ୍ଦ୍ର ସିହ୍ନା, ଆଶିଷ ସିଂ, ଯାଜପୁର ଏସ୍‌ପି ଚରଣ ସିଂ ମୀନା ପ୍ରମୁଖ ଉପସ୍ଥିତ ଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



କାମନାର ବିନାଶରେ
ଦୁଃଖର ବିନାଶ।
- ଗୌତମ ବୁଦ୍ଧ



# ଜିଲାକୁ ମିଳିଲାନି ନାବାର୍ଡ ଅନୁଦାନ

**ଯାଜପୁର ଅଫିସ,୪।୩**

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ) ସହ ବ୍ରିଜ ଓ ଅନ୍ୟାନ୍ୟ ରାସ୍ତା ନିର୍ମାଣରେ ଅଗ୍ରଗତି ନୈରାଶ୍ୟଜନକ ହୋଇଥିବାରୁ ଯାଜପୁର ଜିଲା ନାବାର୍ଡ ଅନୁଦାନ ପାଇବାରୁ ବଞ୍ଚିତ ହୋଇଛି। ପୂର୍ବରୁ ମିଳିଥିବା ଅନୁଦାନକୁ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗର ଯାଜପୁର ଓ ଜାରକା ଡିଭିଜନ ଉପଯୁକ୍ତ ଭାବେ ଖର୍ଚ୍ଚ କରି ପାରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନାବାର୍ଡ ପକ୍ଷରୁ ଆବଣ୍ଟିତ ଅନୁଦାନ ମଧ୍ୟରୁ ୪କୋଟି ୨୪ଲକ୍ଷ ୬ହଜାର ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ଚଳିତ ବର୍ଷ ନାବାର୍ଡର ଆର୍‌ଆଇଡିଏଫ(ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି)-ଏକ୍ସଏକ୍ସଭି ଅନୁଦାନ ଜିଲାକୁ ଆସି ନ ଥିବା କୁହାଯାଉଛି। ଏଥିରୁ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗର ଉଭୟ ଡିଭିଜନରେ କାର୍ଯ୍ୟରତ ଅଧିକାରୀ ଓ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ନାବାର୍ଡ ଆର୍‌ଆଇଡିଏଫ ପକ୍ଷରୁ ରାଜ୍ୟର ୩୧ଟି ଡିଭିଜନରେ ୧୬୪ ପ୍ରକଳ୍ପରେ ୫୮୭.୨୯ କି.ମି. ରାସ୍ତା ନିର୍ମାଣ ପାଇଁ ୩୪୯.୯୪ କୋଟି ଟଙ୍କା ମଞ୍ଜୁର ହୋଇଛି।

୨୪।୨।୨୦୨୦ରେ ନାବାର୍ଡ ଅଧିକାରୀଙ୍କ ଦ୍ୱାରା ଅନୁଷ୍ଠିତ ଆର୍‌ଆଇଡିଏଫ ବୈଠକରେ ଯାଜପୁର ଜିଲାର ଅଗ୍ରଗତି ନୈରାଶ୍ୟଜନକ ହୋଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାସହ ନାବାର୍ଡ ପାଣ୍ଠି ଖର୍ଚ୍ଚ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାସହ ଅତି ମନ୍ଥର ଗତିରେ ପ୍ରକଳ୍ପଗୁଡିକ ଚାଲିଥିବାରୁ ନାବାର୍ଡର ମାନଦର୍ଶ ପୂରଣ ହୋଇ ପାରିନାହିଁ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିପାଇଁ ମନ୍ଥର ଗତିରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଖର୍ଚ୍ଚ ଅନୁସାରେ ଶୀଘ୍ର ସମ୍ପନ୍ନ କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ ଇଞ୍ଜିନିୟର ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ଦୃଷ୍ଟିରେ ରଖି ନାବାର୍ଡ କର୍ତ୍ତୃପକ୍ଷ ଯାଜପୁର ଜିଲାକୁ ଆଉ ପାଣ୍ଠି ପ୍ରଦାନ କରି ନଥିବା ମନେ ହେଉଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମ୍‌ଏମ୍‌ଏସ୍‌ୱାଇ)ରେ ୩ଟି ପ୍ରକଳ୍ପ ମନ୍ଥର ଗତିରେ ଚାଲିଛି। ତେବେ ଏହି ପ୍ରକଳ୍ପଗୁଡିକୁ ବେସରକାରୀ ଜମି ବିବାଦ ରହିଥିବା କାରଣ ଦର୍ଶାଇ କାର୍ଯ୍ୟକୁ ବନ୍ଦ କରି ଦିଆଯାଇଛି। ସେହିପରି ଯାଜପୁର ଡିଭିଜନ-୧ ଅନ୍ତର୍ଗତ ମାଳଆନନ୍ଦପୁରରୁ ଅଡଙ୍ଗା ବ୍ରିଜ୍ ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏହି ପ୍ରକଳ୍ପ ପାଇଁ ୨୦୧୪ରେ ୨ କୋଟି ୧୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୧ କୋଟି ୧୫ ଲକ୍ଷ ୪୪ହଜାର ଟଙ୍କା ଖର୍ଚ୍ଚ ହୋଇ ସାରିଛି। ତେବେ ବନ୍ୟା ନଦୀବନ୍ଧ ଜୋନ୍‌ରେ ଯାଉଥିବା କାରଣ ଦର୍ଶାଇ ତାକୁ ବନ୍ଦ କରି ଦିଆଯାଇଛି। ମନ୍ଦାରଖଣ୍ଡ ଛକରୁ ବବଲପୁରିଆ ଭଅଁରା ଶାସନ ରାସ୍ତା ମଧ୍ୟ ବିଭିନ୍ନ ବିବାଦରେ ଛନ୍ଦି ହୋଇଥିବାରୁ ତାହାର ଅଗ୍ରଗତି ହୋଇ ପାରୁନାହିଁ। ଏହିପରି ଭାବେ ନାବାର୍ଡ ପାଣ୍ଠିର ପ୍ରାୟ ୪କୋଟି ୨୪ ଲକ୍ଷ ଟଙ୍କା ପାଣିରେ ପଡିଛି। ଏହିସବୁ କାରଣରୁ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟଭୂମିକା ଗ୍ରହଣ କରୁଥିବା ନାବାର୍ଡ ଯାଜପୁର ଜିଲାକୁ ଆଉ ପାଣ୍ଠି ପ୍ରଦାନ କରି ନ ଥିବା ସନ୍ଦେହ କରାଯାଉଛି। ଜିଲାର ନିର୍ବାଚିତ ନେତୃବର୍ଗ ମଧ୍ୟ ଏଥିପ୍ରତି ଗୁରୁତ୍ୱ ନଦେଇ ଠିକାଦାରୀ ଉପରେ ଅଧିକ ମନୋନିବେଶ କରୁଥିବାରୁ ଶତାଧିକ ଗ୍ରାମକୁ ଏଯାଏ ରାସ୍ତା ସଂଯୋଗ ହୋଇ ନଥିବା ସୂଚନା ମିଳିଛି। ରାଜ୍ୟର ୩୧ଟି ଡିଭିଜନକୁ ନାବାର୍ଡ-ଆର୍‌ଆଇଡିଏଫ ଅନୁଦାନ ମିଳିଥିବାବେଳେ ଏଥିରେ ଯାଜପୁର ଜିଲାକୁ ବାଦ ଦିଆଯାଇଛି। ଏସଂକ୍ରାନ୍ତରେ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି ନାବାର୍ଡ ଅନୁଦାନ ସମ୍ପର୍କରେ ପୂର୍ବରୁ କୌଣସି ତଥ୍ୟ ମଗାଯାଇ ନାହିଁ। ପୂର୍ବରୁ ମିଳିଥିବା ଅନୁଦାନ ଏଯାଏ ଖର୍ଚ୍ଚ ହୋଇ ପାରିନାହିଁ। ତେବେ ବର୍ତ୍ତମାନ ନାବାର୍ଡ ଅନୁଦାନ ମିଳି ନ ଥିବା ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନାହିଁ। ନୈରାଶ୍ୟଜନକ ଅଗ୍ରଗତି ଯୋଗୁ ନାବାର୍ଡ ଅର୍ଥ ମିଳି ନ ଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।


GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WORKS: BHUBANESWAR

No. 6667 Dt. 03.03.2020

To
All Executive Engineers under R.W. Organization.

Sub: Sanction of NABARD Project in MMSY.

Sir,
The NABARD Authorities are pleased to sanctioned the 164 nos of Road Projects under MMSY for a total cost of Rs.253.66 Cr. in Tranche XXV for total project cost of Rs.349.94 Cr. The list of roads is enclosed for your ready reference.
You are requested to submit the up-to-date claim for the expenditure done till 15.3.2020 positively for onward transmission to NABARD, Odisha Regional Office, Bhubaneswar by 20.3.2020 period.
Encl: List of 164 nos of MMSY Road Projects with abstract.

Yours faithfully,
Chief Engineer, Plan Roads
Odisha, Bhubaneswar

Memo No. 6668 Dt. 03.03.2020
Copy forwarded to the all Superintending Engineer under Rural Works organization for information & necessary action.

Chief Engineer, Plan Roads
Odisha, Bhubaneswar

- ନୈରାଶ୍ୟଜନକ ଅଗ୍ରଗତି ସାଜିଛି କାରଣ
- ୬ଟି ପ୍ରକଳ୍ପରେ ୪.୨୪ କୋଟି ବରବାଦ
- ଶତାଧିକ ଗ୍ରାମକୁ ଏବେବି ରାସ୍ତା ସଂଯୋଗ ବାକି
- ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ବାଧାପ୍ରାପ୍ତ

## ସଂକ୍ଷେପରେ

### ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଆସିଥିବା ଟଙ୍କା ବାଟମାରଣା ଘଟଣା
### ତଦନ୍ତ ଦାବି କଲେ ଦିବ୍ୟାଙ୍ଗ କମିଟି ସଭାପତି

**ରସୁଲପୁର,୪।୩(ଡିଏନଏ):** ରସୁଲପୁର ବ୍ଲକରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନକୁ ବୁଲାଇବାକୁ ନେବା ପାଇଁ ଆସିଥିବା ଅର୍ଥରୁ ବାଟମାରଣା ହୋଇଥିବା ଅଭିଯୋଗ ହୋଇଥିଲା। ପିଲାଙ୍କୁ ବାହାରକୁ ବୁଲାଇବାକୁ ନିଆଯାଇଥିଲା, ମାତ୍ର ପରିଦର୍ଶନୀ ସ୍ଥଳ ବୁଲିବା ଦିଗରେ କାଟଛାଟ କରାଯାଇ ଅର୍ଥ ହଡ଼ପ କରାଯାଇଥିଲା। ପିଲାଙ୍କୁ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇଥିଲା। ଏ ଦିଗରେ ଆସିଥିବା ଅର୍ଥ ଅପେକ୍ଷାକୃତ କମ୍ ଖର୍ଚ୍ଚ କରାଯାଇ ଆତ୍ମସାତ୍ କରାଯାଇଥିଲା। ଏ ନେଇ ଧରିତ୍ରୀରେ ବୁଧବାର ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ଆଧାରରେ ଦିବ୍ୟାଙ୍ଗ ଶିଶୁଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରୁଥିବା ମାସୁମ୍ ଗ୍ରୁପ୍‌ର ଅଧ୍ୟକ୍ଷ ମଣ୍ଟୁ ଦାସ ଉକ୍ତ ମାମଲାର ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଯାଜପୁର ଜିଲାର ଭାରପ୍ରାପ୍ତ ଜିଲାପାଳଙ୍କୁ ଏକ ପତ୍ର ଜରିଆରେ ସେ ଏନେଇ ଅବଗତ କରାଇଛନ୍ତି। ଦିବ୍ୟାଙ୍ଗ ପିଲାଙ୍କ ଟଙ୍କାକୁ ଠିକ୍ ବିନିଯୋଗ ନ କରିବାକୁ ସେ ନିନ୍ଦା କରିବା ସହ ଏ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ସନ୍ତୋଷଜନକ ପଦକ୍ଷେପ ନିଆ ନ ଗଲେ ସେ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଭେଟି ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ସର୍ବଶିକ୍ଷା ଅଭିଯାନ ପକ୍ଷରୁ ନିର୍ଦ୍ଦେଶ ମୁତାବକ ଫେବୃୟାରୀରେ ଏହି ବ୍ଲକରୁ ୨୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ୨୦ଜଣ ଅଭିଭାବକ ଓ ୫ଜଣ ସମ୍ବଳ ଅଧିକାରୀଙ୍କୁ ନେଇ ଭୁବନେଶ୍ୱରର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। କାର୍ଯ୍ୟସୂଚୀ ମୁତାବକ ୮ଟି ଐତିହାସିକ ସ୍ଥାନ ଓ ଆଉ କେତକ ଆଞ୍ଚଳିକ ଶିକ୍ଷଣୀୟ ଅନୁଷ୍ଠାନ ବୁଲିବା ପାଇଁ ନିର୍ଦ୍ଦେଶ ରହିଥିଲା। ଏନେଇ ୩୦ହଜାର ଟଙ୍କା ଆସିଥିଲା। ମାତ୍ର ଦାୟିତ୍ୱରେ ଥିବା ଅଧିକାରୀମାନେ ନିର୍ଦ୍ଦେଶନାମାକୁ ବେଖାତିର କରି ନିଜ ମନ ମୁତାବକ ପିଲାଙ୍କୁ ବୁଲାଇ ଆଣିବା ସହ ସେମାନଙ୍କୁ କେତେକ ସୁବିଧାରୁ ବଞ୍ଚିତ କରିଥିଲେ। ସେମାନଙ୍କୁ ନବାଆଣିବା ପାଇଁ ଉଦ୍ଦିଷ୍ଟ ଟଙ୍କାକୁ ଅଭିଭାବକଙ୍କୁ ପ୍ରଦାନ କରି ନ ଥିଲେ ବୋଲି କେତେଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକ ଅଭିଯୋଗ କରିଥିଲେ।

### ଟାଟା ଷ୍ଟିଲ୍ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ

**କଳିଙ୍ଗନଗର,୪।୩(ଡି.ଏନ.ଏ):** ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ବୁଧବାର ୪୯ତମ ଜାତୀୟ ସୁରକ୍ଷା ସପ୍ତାହ ହୋଇଯାଇଛି। ଏହି ଅବସରରେ କାରଖାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସୁରକ୍ଷା ପତାକା ଉତ୍ତୋଳନ କରାଯାଇଥିଲା। ଏହାସହିତ କାରଖାନାର କର୍ମଚାରୀମାନେ ସୁରକ୍ଷା ସମ୍ପର୍କିତ ଶପଥ ପାଠ କରିଥିଲେ। 'ଆଧୁନିକ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ମାଧମରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରଦର୍ଶନରେ ଉନ୍ନତି'କୁ ଚଳିତ ବର୍ଷର ବିଷୟବସ୍ତୁ ଭାବେ ନିଆଯାଇଛି। ଏହି ଅବସରରେ ଯାଜପୁର ଜିଲା କାରଖାନା ଓ ବାଷ୍ପିତ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରା ଓ ଟାଟାଷ୍ଟିଲ କର୍ପୋରେଟ ସର୍ଭିସେସ୍ ବିଭାଗ ମହାପ୍ରବନ୍ଧକ ଆର.ଆର. ଶତପଥୀ ଅତିଥିରୂପେ ଯୋଗ ଦେଇଥିଲେ।

### ହରିପୁରଠାରେ ୧୦ମ ବାର୍ଷିକ ଶନି ମହାଯଜ୍ଞ ଉଦ୍‌ଯାପିତ

**ରସୁଲପୁର,୪।୩(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ନର୍ସିଂପୁର ପଞ୍ଚାୟତର ହରିପୁର ଶନି ତୋଟାରେ ରବିବାରଠାରୁ ଆରମ୍ଭ ହୋଇଥିବା ୧୦ମ ବାର୍ଷିକ ଶନି ମହାଯଜ୍ଞ ଉତ୍ସବ ମଙ୍ଗଳବାର ପାରମ୍ପରିକ ରୀତିନୀତିର ସହ ସମ୍ପନ୍ନ ହୋଇଛି। ରବିବାର ଦିନ ଅଧିବାସ, ଅଙ୍କୁରାପୋଣ, କୁଣ୍ଡମଣ୍ଡଳ ସ୍ଥାପନ, କଳସ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି କରାଯାଇଥିଲା। ସୋମବାର ପ୍ରାତଃରୁ ନିକଟସ୍ଥ ଖରସ୍ରୋତା ନଦୀରୁ କଳସୀ ପୂର୍ଣ୍ଣ ଜଳ ଅଣାଯାଇ ଘଟ ସ୍ଥାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହରିପୁର ଓ ଆଖପାଖ ଅଞ୍ଚଳର ପୁରୁଷ ଓ ମହିଳାମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଭୂଙ୍କୁ ନାନା ବେଶରେ ଭୂଷିତ କରାଯାଇଛି। ଯଜ୍ଞ ମଣ୍ଡରେ ଅଗ୍ନି ସ୍ଥାନପନ ପୂର୍ବରୁ ପ୍ରଭୂଙ୍କ ନିକଟରେ ସୂର୍ଯ୍ୟପୂଜା, ଗୋ-ପୂଜା, ଗୀତାଯଜ୍ଞ ଆଦି ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରଭୂଙ୍କ ବାର୍ଷିକୋତ୍ସବରେ ବହୁ ମାନସିକଧାରୀ ଭକ୍ତଙ୍କ ସମାଗମ ହୋଇଥିଲା। ଉକ୍ତ ଯଜ୍ଞ କାର୍ଯ୍ୟରେ ରସୁଲପୁର ପଂଚାୟତ ସମିତି ଉପାଧ୍ୟକ୍ଷ ଯତିନ୍ଦ୍ର ମୋହନ ସାହୁ ଓ ସସ୍ତ୍ରୀକ କର୍ତ୍ତା ଭାବରେ ପୂଜା କାର୍ଯ୍ୟକୁ ପରିଚାଳନା କରୁଛନ୍ତି।

## ଟାଟା ଷ୍ଟିଲ୍ ପ୍ରତିଷ୍ଠାତାଙ୍କ ଜନ୍ମବାର୍ଷିକୀ

**କଳିଙ୍ଗନଗର, ୪।୩ (ଡି.ଏନ୍.ଏ.)**

ଟାଟା ଗ୍ରୁପ ପ୍ରତିଷ୍ଠାତା ଜାମସେଟ୍‌ଜୀ ନସରେୱନ୍‌ଜୀ ଟାଟାଙ୍କ ୧୮୧ତମ ଜନ୍ମବାର୍ଷିକୀ କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ ପ୍ଲାଣ୍ଟଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଟାଟା ଷ୍ଟିଲ୍‌ର ୩ଶହ କର୍ମଚାରୀଙ୍କ ପକ୍ଷରୁ ପ୍ରକଳ୍ପ ଅଞ୍ଚଳରୁ ପରେଡ୍ ଆରମ୍ଭ ହୋଇ ଟାଟା ଷ୍ଟିଲ କଳିଙ୍ଗନଗର କେନ୍ଦ୍ର ପାର୍କ (ଟିଏସ୍‌କେ ସେଣ୍ଟର) ଅଞ୍ଚଳରେ ପହଞ୍ଚିଥିଲା। ଏହି ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ୍ ସେବା ବିଭାଗ ମହାପ୍ରବନ୍ଧକ ଆର୍. ଆର୍. ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଷୟବସ୍ତୁ ଭିତ୍ତିକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ବରିଷ୍ଠ ଅଧିକାରୀ, କମ୍ପାନୀ କର୍ମଚାରୀ, ଟାଟା ପରିବାର ସଦସ୍ୟ, ସ୍ଥାନୀୟ ପଞ୍ଚାୟତିରାଜ ପ୍ରତିନିଧି ଜେ. ଏନ୍. ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ ପ୍ରଦର୍ଶନୀ ୨୦୦୪ ରୁ ୨୦୨୦ ପର୍ଯ୍ୟନ୍ତ ଟାଟା ଷ୍ଟିଲ କଳିଙ୍ଗନଗରର ଯାତ୍ରାକୁ ଚିତ୍ରଣ କରୁଥିବା ବେଳେ ଏଥିରେ ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ର ଗ୍ଲୋବାଲ ନେଟ୍‌ୱର୍କରେ ନିର୍ମାଣକାରୀ ବତିଘର ଭାବେ କାରଖାନା ସାମିଲ ହେବା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି।

## ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମୁଣ୍ଡ ନୁଆଁଇଲା ପ୍ରଶାସନ

**ବିଞ୍ଝାରପୁର, ୪।୩(ଡିଏନଏ)**

**କଲ୍ୟାଣପୁର ସରପଞ୍ଚଙ୍କ ନିଲମ୍ବିତ ଘଟଣା**

**ଆଜି ସରପଞ୍ଚ ନେବେ ପଞ୍ଚାୟତ ଦାୟିତ୍ୱ**

କଲ୍ୟାଣପୁର ସରପଞ୍ଚ ସୁନୀତା ନାୟକଙ୍କୁ ନିଲମ୍ବନ କରିବା ଜିଲା ପ୍ରଶାସନକୁ ମହଙ୍ଗା ପଡିଛି। ଶେଷରେ ବିଞ୍ଝାରପୁର ବ୍ଲକ ପ୍ରଶାସନ ନିର୍ଦ୍ଦେଶ ଅନୁସାରେ କଲ୍ୟାଣପୁର ପଞ୍ଚାୟତର ନିଲମ୍ବିତ ସରପଞ୍ଚ ସୁନୀତା ଗୁରୁବାର ପଞ୍ଚାୟତିରାଜ ଦିବସରେ ପଞ୍ଚାୟତର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ସୂଚନା ଯୋଗ୍ୟ ଯେ, ୨୦୧୯ ସେପ୍ଟେମ୍ବର ୨୬ ତାରିଖରେ ପାନୀୟ ଜଳ ଓ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ କଲ୍ୟାଣପୁର ସରପଞ୍ଚ ସୁନୀତାଙ୍କୁ ନିଲମ୍ବିତ କରିଥିଲା। ସରପଞ୍ଚ ସୁନୀତାଙ୍କ ବଦଳରେ ତାଙ୍କ ସ୍ୱାମୀ ମୁକ୍ତିକାନ୍ତ ସାମଲ ଗ୍ରାମ ସଭାରେ ସଭାପତିତ୍ୱ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ଜିଲା ପ୍ରଶାସନ ସରପଞ୍ଚ ସୁନୀତାଙ୍କୁ ନିଲମ୍ବିତ କରିଥିଲେ। ତେବେ ଜିଲା ପ୍ରଶାସନର ଏହି ନିଷ୍ପତି ବିରୋଧରେ ସରପଞ୍ଚ ସୁନୀତା ହାଇକୋର୍ଟର ଆଶ୍ରୟ ନେଇଥିଲେ। ହାଇକୋର୍ଟରେ ଏନେଇ ୧୯୦୭୦/୧୯ ରେ ଏକ ମାମଲା ରୁଜୁ ହୋଇଥିଲା। ଉଭୟ ପକ୍ଷଙ୍କ ଠାରୁ ଶୁଣାଣି କରିବା ପରେ ଗତ ୧୬ତାରିଖରେ ହାଇକୋର୍ଟ ସୁନୀତାଙ୍କ ନିଲମ୍ବନକୁ ଖାରଜ କରିବା ସହ ୨୪ଘଣ୍ଟା ମଧ୍ୟରେ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପ୍ରଶାସନ ଅଣଦେଖା କରିବାରୁ ପୁର୍ନବାର ସୁନୀତା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ତେବେ ଶେଷଖବର ଅନୁଯାୟୀ ଗୁରୁବାର ପଞ୍ଚାୟତ ଦିବସ ଅବସରରେ ସୁନୀତା କଲ୍ୟାଣପୁର ପଞ୍ଚାୟତ ଦାୟିତ୍ୱ ନେବାକୁ ପ୍ରଶାସନ ପକ୍ଷରୁ ଚିଠି ନଂ. ୭୭୬/୨୦ ହେଇଥିବା ଜଣାପଡ଼ିଛି।

## ନିର୍ବାହୀ ଅଧିକାରୀଙ୍କ ଅକାଳ ବିୟୋଗ

**ରତ୍ନଗିରି,୪।୩(ଡିଏନଏ)**

ବରୀ ବ୍ଲକର କାର୍ଯ୍ୟରତ ନିର୍ବାହୀ ଅଧିକାରୀ ପ୍ରମୋଦ ନାୟକଙ୍କର ବୁଧବାର ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ଛାତିରେ ହଠାତ୍ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବରୀ ବିଧାୟିକା ସୁନନ୍ଦା ଦାସ, ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାସ୍ୱତ ଜେନା, ବାଲିବିଲି ସରପଞ୍ଚ ସନ୍ତୋଷ ସାମଲ, ବରୀ ବ୍ଲକ ବିଭିନ୍ନ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବିଭାଗର କର୍ମଚାରୀମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ନାୟକଙ୍କ ବିୟୋଗରେ ବରୀ ବ୍ଲକ ଅଧ୍ୟକ୍ଷା ସୁବାସିନୀ ଶର୍ମା, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜଙ୍କ ସମେତ ଲୋକ ପ୍ରତିନିଧିମାନେ ଗଭୀର ଦୁଃଖପ୍ରକାଶ କରିଛନ୍ତି। ବରୀ ବ୍ଲକରେ ସେ କାର୍ଯ୍ୟ କରୁଥିବାବେଳେ ନିଜ ବ୍ୟବହାର ପାଇଁ ସମସ୍ତଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ।

## ତଦନ୍ତ ଆରମ୍ଭ କଲେ ଡିପିଓ



ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ ପଞ୍ଚାୟତ କାର୍ଯ୍ୟାଳୟରେ ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି।

**ଯାଜପୁର ଅଫିସ,୪।୩**

**ଗୋଳେଇପୁର ପଞ୍ଚାୟତରେ ୱାର୍ଡ ସଭ୍ୟଙ୍କ ଜାଲ୍ ଦସ୍ତଖତ ଅଭିଯୋଗ**

ଯାଜପୁର ଜିଲା କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ଗ୍ରାମ ପଞ୍ଚାୟତରେ ମାସିକ ବୈଠକ ନ ହେବା ଓ ମନୋମୁଖି ଭାବେ ସରପଞ୍ଚ ଓ ପିଇଓ ୱାର୍ଡ ସଭ୍ୟାସଭ୍ୟଙ୍କ ଜାଲ ଦସ୍ତଖତ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ବୁଧବାର ଜିଲା ପଞ୍ଚାୟତ ଅଧିକାରୀ(ଡିପିଓ) ଅଶୋକ କୁମାର ସେଠୀ, ଜିପିଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଗୋଳେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚରେ ତ୍ରୁଟି ଥିବା ଅନୁଭବ କରି ଡିପିଓ ସେଠୀ ବିରକ୍ତି ପ୍ରକାଶ କରିଥିଲେ। ପୁନଃ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ଡାକି ବୈଠକ କରି ନିଷ୍ପତି ନେବାକୁ କହିଥିଲେ। ଏହି ସମୟରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସମିତିସଭ୍ୟା ଭାନୁପ୍ରଭା କରଣ ପଞ୍ଚାୟତ କାର୍ଯ୍ୟାଳୟରେ ବସିବାକୁ ଜାଗା ନାହିଁ ବୋଲି ସରପଞ୍ଚ ମନାକରିବା ନେଇ ଅଭିଯୋଗ କରିଥିଲେ। ହେଲେ ଏହି ଅଭିଯୋଗ ଉପରେ କେହି ଧ୍ୟାନ ଦେଇ ନ ଥିଲେ। ୩ ନମ୍ବର ୱାର୍ଡ ସଭ୍ୟା ପ୍ୟାରି ବିବି ତାଙ୍କ ମାଦ୍ରାସା ରାସ୍ତା କାମ ନହୋଇ ବିଲ ହୋଇଥିବା ଅଭିଯୋଗ ଆଣିଥିଲେ। ଏହି ସମୟରେ ନାଏବ ସରପଞ୍ଚ ସଂଯୁକ୍ତା ପାତ୍ର, ୱାର୍ଡ ସଭ୍ୟ ରମେଶ ନାୟକ, ଚିତ୍ତରଞ୍ଜନ ଦାସ, ଦିବାକର ସାହୁ, ଗଙ୍ଗାଧର ପଣ୍ଡା, ସତ୍ୟଭାମା ପାଢ଼ୀ, ନାରାୟଣ ରାଉତ, ସମଜତ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃ ଜିଲା ଟେନ୍-ଟେନ୍ କ୍ରିକେଟ ଟୁର୍ନାମେଣ୍ଟ

**ବିଞ୍ଝାରପୁର, ୪।୩(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଉଦୟଭାନୁ କ୍ଲବ ପକ୍ଷରୁ ଆନ୍ତଃଜିଲା ଟେନ୍‌ଟେନ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। ଏହି ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟକୁ ସମାଜସେବୀ ରବୀନ୍ଦ୍ର କୁମାର ପରିଡା ମୁଖ୍ୟ ଅତିଥି ରୁପେ ଯୋଗଦେଇ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ଅନ୍ୟତମ ସମ୍ମାନିତ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ମାନଗୋବିନ୍ଦ ଧଳ, ଯୁବସଂଗଠକ ରୋମିଓ ରୋପନ ରାଉତ, ଗୋବିନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟର ଉଦଘାଟନୀ ମ୍ୟାଚ କେନ୍ଦ୍ରାପଡା ଜିଲାର ପାଳିମୀ କ୍ରିକେଟ କ୍ଲବ ଓ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ବଡପାଳ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କେନ୍ଦ୍ରାପଡ଼ା ଜିଲାର ପାଳିମୀ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ମାତ୍ର ନିର୍ଦ୍ଧାରିତ ଓଭରରେ ୭ ୱିକେଟ ବିନିମୟରେ ମାତ୍ର ୩୫ରନ କରିଥିଲା। ଜବାବରେ ବିଞ୍ଝାରପୁର ବ୍ଲକ ବଡ଼ପାଳ କ୍ରିକେଟ କ୍ଲବ ଏହି ଲକ୍ଷ୍ୟକୁ ମାତ୍ର ୪.୫ ଓଭରରେ ୨ୱିକେଟ ୩୬ରନ କରି ବିଜୟ ଲାଭ କରିଥିଲା। ଏହି ଟୁର୍ନାମେଣ୍ଟକୁ ଅମ୍ପାୟାର ଭାବରେ ଦିପ୍ତି ରଞ୍ଜନ ମହାନ୍ତି, ସରୋଜ ଧଳ, ବିଶ୍ୱଜିତ ସେଠୀ, ଚନ୍ଦ୍ରଶେଖର ପରିଡା ପ୍ରମୁଖ ପରିଚାଳନା କରିଥିଲେ।

## ଏସ୍‌ଆଇଆଇଟି ଚୟନ ପରୀକ୍ଷାରେ ୧୬୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

**ଯାଜପୁର ଅଫିସ,୪।୩**

ଏସ୍‌ଆଇଆଇଟି (ସ୍କୁଲ ଅଫ୍ ଇଣ୍ଡଷ୍ଟ୍ରିଆଲ ଏଣ୍ଡ ଇନଫର୍ମେଶନ ଟେକ୍ନୋଲୋଜି) ପକ୍ଷରୁ ବିନା ମୂଲ୍ୟରେ କମ୍ପ୍ୟୁଟର ଶିକ୍ଷା ଦେବା ନିମନ୍ତେ ପାଣିକୋଇଲି ସମେତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ହାଇସ୍କୁଲଗୁଡ଼ିକରେ ଏକ ଚୟନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ବୁଧବାର ମା' ତାରିଣୀ ହାଇସ୍କୁଲରେ ସମ୍ପନ୍ନ ହୋଇଛି। ଏଥିରେ ୧୬୦ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ଉକ୍ତ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୨ଜଣ ଚଳିତ ମାସ ୧୨ ତାରିଖରୁ ବିନା ଦେୟରେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିବେ। ଅନ୍ୟ ୧୨୮ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱଳ୍ପ ଦେୟରେ ଶିକ୍ଷାଦାନର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମକୁ ସଂସ୍ଥାର ନିର୍ଦ୍ଦେଶକ ସନ୍ଦୀପ କୁମାର ନାୟକ, ସହକର୍ମୀ ଜ୍ୟୋତିଷ ବେହେରା, ସସ୍ମିତା ସାହୁ, ରଞ୍ଜିତା ମହାକୁଡ, ବିକାଶ କୁମାର ମଲ୍ଲିକ, ରଞ୍ଜନ କୁମାର ସାହୁ ପରାମର୍ଶଦାତା ପଦ୍ମଲୋଚନ ମଲ୍ଲିକ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସଂସ୍ଥା ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ରାୟ ମୁଖ୍ୟଅତିଥି, ଶିକ୍ଷକ ସୟଦ ଅଲ୍ଲୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଶ୍ରେଣୀଗୃହ ମରାମତି ଉପରେ ଗୁରୁତ୍ୱାରୋପ

**ଯାଜପୁରରୋଡ,୪।୩(ଡି.ଏନ.ଏ.)**

**କେନ୍ଦ୍ରୀୟ ବିଦ୍ୟାଳୟର ଭିଏମ୍‌ସି ବୈଠକ**

ଯାଜପୁରରୋଡସ୍ଥିତ ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ ଭିଏମ୍‌ସି (ବିଦ୍ୟାଳୟ ମ୍ୟାନେଜମେଣ୍ଟ କମିଟି) ବୈଠକ ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ସ୍କୁଲର ଅଧ୍ୟକ୍ଷ ତଥା ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍କୁଲ ଗୃହର ମରାମତି ଓ ରକ୍ଷଣାବେକ୍ଷଣ, ଟାଟା ଷ୍ଟିଲ୍ ରୁରାଲ ଡେଭଲପ୍‌ମେଣ୍ଟ ସୋସାଇଟି ପକ୍ଷରୁ ନିର୍ମାଣ ହୋଇଥିବା କ୍ଲାସରୁମର ମରାମତି, ଆସନ୍ତା ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ଆବଶ୍ୟକ ଆସବାବପତ୍ର, ସାଇନ୍ସ ଲ୍ୟାବ ଓ ନୂତନ ଶ୍ରେଣୀ ୯ମ ପାଇଁ କ୍ଲାସରୁମ ବ୍ୟବସ୍ଥା, ପରିସ୍ରାଗାର ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଭାରପ୍ରାପ୍ତ ଜିଲାପାଳ ନାୟକ ଏ ସଂକ୍ରାନ୍ତରେ ତୁରନ୍ତ ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ହେଉଥିବା କ୍ଲାସରୁମ ପାଇଁ ସ୍ଥାନୀୟ କେତେକ ଶିଳ୍ପସଂସ୍ଥାର ସହଯୋଗ ନେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାସହ ସିବିଏସ୍‌ଇ ଅନୁମୋଦନ ପାଇଁ ଆସନ୍ତା ୩୧ ତାରିଖ ମଧ୍ୟରେ ପଦକ୍ଷେପ ନେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସିଦ୍ଧାର୍ଥ ପଟ୍ଟନାୟକ, ଯାଜପୁରରୋଡ ସିଏଚ୍‌ସିର ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ପୃଷ୍ଟି, ବ୍ୟାସନଗର ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ମହମ୍ମଦ ତାହିର ପ୍ରମୁଖ ଭାଗ ନେଇଥିଲେ।

## ବ୍ୟାପକ ଲଘୁଖଣିଜ ଦ୍ରବ୍ୟ ହରିଲୁଟ

**ଯାଜପୁରରୋଡ,୪।୩(ଡି.ଏନ.ଏ.)**



**ବ୍ୟାସନଗର ତହସିଲ**
- ଜିଲା ପ୍ରଶାସନ ନୀରବ
- ମୋ ସରକାର ଯୋଜନାକୁ ଚ୍ୟାଲେଞ୍ଜ

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧିନରେ ଥିବା ଯାଜପୁରରୋଡ ସହର ହୁହୁ ହୋଇ ବଢୁଛି। ଲୋକସଂଖ୍ୟା ବଢିବା ସହ ବଡ଼ବଡ଼ ଅଟ୍ଟାଳିକା, ଘର ନିର୍ମାଣ ଚାଲିଛି। ଏଥିରେ ଲଘୁ ଖଣିଜ ଦ୍ରବ୍ୟ ବାଲି, ମୋରମ, ମାଟି ଆଦି ସମ୍ପ୍ରତି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଣୁ ବଜାରରେ ଏହିସବୁ ଲଘୁ ଖଣିଜ ଦ୍ରବ୍ୟର ଚାହିଦା ଆକାଶଛୁଆଁ ହେବା ସହିତ ବେଆଇନ ଭାବେ ଚୋରା କାରବାର ବଢିଛି। ଫଳରେ ଖାଦାନ ଉତ୍ସଗୁଡ଼ିକ କ୍ଷତିଗ୍ରସ୍ତ ହେବାକୁ ବସିଛି। ବେଆଇନ ବାଲି ଉଠାଣ କେବଳ ରାଜ୍ୟର ରାଜସ୍ୱ କ୍ଷତି କରୁନାହିଁ ବରଂ ନଦୀର ପ୍ରାକୃତିକ ସମତୁଳନ ପ୍ରକ୍ରିୟାକୁ ବ୍ୟାହତ କରୁଛି। ଯାହାର ବହୁଳ ପ୍ରଭାବ ବ୍ୟାସନଗର ତହିସଲ ଅଞ୍ଚଳରେ ଦେଖିବାକୁ ମିଳିଛି। ଏଠାରେ କେତେକ ପ୍ରଭାବଶାଳୀ ଲୋକଙ୍କ ସହାୟତାରେ ବେଆଇନ ଖନନ ଅଣାୟତ୍ତ ହେବାରେ ଲାଗିଛି।

ବ୍ୟାସନଗର ତହସିଲ ଅର୍ନ୍ତଗତ ବିଭିନ୍ନ ମୌଜାରୁ ଏବେ ଲଘୁ ଖଣିଜ ଦ୍ରବ୍ୟ ହରିଲୁଟର ମାତ୍ରା ବଢ଼ିଯାଇଛି। ଯେପରି ଯାଜପୁର ଜିଲାରେ ସରକାରଙ୍କ ୫-ଟି ଆଇନ ଓ ମୋ ସରକାର ନିୟମ କାନୁନ କିଛି ନାହିଁ। ବାଲି ଓ ମୋରମ ଚୋରା ପରିବହନ ଏଠାରେ ଦିନ ଦ୍ୱିପହରରେ ଚାଲିଛି। ଏହି ସବୁ ଚୋରାଚାଲାଣ ଜନୈକ ପ୍ରଭାବଶାଳୀ ନେତାଙ୍କ ପାଖଲୋକ ବୋଲାଉଥିବା ପାଣିକୋଇଲି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଇଙ୍ଗିତରେ ଚାଲିଥିବା ଆଲୋଚନା ହେଉଛି। ଯାହାଫଳରେ ଏହି ଚେରା ସାମ୍ରାଜ୍ୟକୁ କେହି ଅଟକାଇବାକୁ କେହି ସାହାସ କରି ପାରୁନାହାନ୍ତି। କୋରେଇ ବ୍ଲକ ବ୍ୟାସନଗର ତହସିଲ ଅର୍ନ୍ତଗତ ପାଣିକୋଇଲି, ପଥରପଦା, ରଗଡି, ଯୋକଡ଼ିଆ, ବ୍ୟାସସରୋବର, ଗୋଳେଇପୁର ଖାଦାନରୁ ବହୁ ମାତ୍ରାରେ ମୋରମ, ବାଲି ଓ ମାଟି ଚୋରାଚଲାଣ ବଢ଼ିବାରେ ଲାଗିଛି। ଏକର ଏକର ସରକାରୀ ଜମିରୁ ଲଘୁ ଖଣିଜ ଦ୍ରବ୍ୟ ହରିଲୁଟ ହେଉଥିବାବେଳେ ଜିଲା ପ୍ରସାଶନର ରାଜସ୍ୱ ବିଭାଗ ନୀରବ ରହିଛି। ଏଥିଯୋଗୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛି। ଏହିକାରଣରୁ ବ୍ୟାସନଗର ତହସିଲରେ ରାଜସ୍ୱ ହ୍ରାସ ପାଉଥିବା ନଜରକୁ ଆସିଛି। ବର୍ତ୍ତମାନ ସମୟରେ ପଥରପଦା ପଞ୍ଚୟତରେ ବିଭିନ୍ନ ମୌଜା ତଥା ୩ଟି ସରକାରୀ ଜାଗାରେ ମାଫିଆମାନେ ବିନା ଅନୁମତିରେ ଶହ ଶହ ଟ୍ରିପ ମୋରମ ଉତ୍ତୋଳନ କରୁଛନ୍ତି। ଖଣ୍ଡିତର ବ୍ରିଜ ନିକଟ ଅଞ୍ଚଳରୁ ବାଲି ଉଠାଯାଇ ପରିବହନ କରାଯାଉଥିବା ଦେଖିବାକୁ ମିଳୁଛି। ଏସଂକ୍ରାନ୍ତରେ ବ୍ୟାସନଗର ତହସିଲ ଦାୟିତ୍ୱରେ ଥିବା ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳଙ୍କୁ ପଚାରିବାରୁ ସେ କହିଚନ୍ତି ପାଣିକୋଇଲି ରାଜସ୍ୱ ନୀରିକ୍ଷକଙ୍କୁ ଏହି ଅଭିଯୋଗର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହୋଇଛି। ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୂଜବଳ କହିଛନ୍ତି।

# ଜାଲ୍ କାଗଜପତ୍ରରେ ଧାନକିଣା

- ଜମି ମାଲିକ ଠକେଇର ଶିକାର
- ଖମାରସାହି ପରେ ପାଣ୍ଡେରିପଡ଼ା
- କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ନୟାଗଡ ଅଫିସ,୪।୩

ଜାଲ୍ କାଗଜପତ୍ରରେ ଧାନ କିଣା ର୍ୟାକେଟ ନୟାଗଡ଼ ଜିଲାରେ ସକ୍ରିୟ ହୋଇ ଉଠିଛି । ଜମି ମାଲିକଙ୍କ ନାଁରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ସମ୍ପର୍କୀୟ ଦେଖାଇ କୋଟି କୋଟି ଟଙ୍କା ଠକି ନେଉଛନ୍ତି ।

ଢୋଲମସ୍କାର ଜଣେ ଆଦିବାସୀ ଜମି ମାଲିକଙ୍କ ସମ୍ପର୍କୀୟ ଦେଖାଇ ଓବିସି ବର୍ଗର ଚାଷୀଙ୍କ ନାଁରେ ଧାନ ବିକ୍ରି କରି ଟଙ୍କା ଉଠାଣ ହୋଇଛି । ଏପରି ଏଠାକାର ସମିତିର ୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ନାଁରେ ହୋଇଛି । ନୟାଗଡ଼ ବ୍ଲକର ଖମାରସାହି ପରେ ଓଡଗାଁ ବ୍ଲକର ପାଣ୍ଡେରିପଡା ପ୍ରାଥମିକ କୃଷି ସମବାୟ ସମିତିରେ ସମାନ ପ୍ରକାରର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏପରି ଅନିୟମିତତା ଚଳିତ ବର୍ଷ ପଦାକୁ ଆସିଥିଲେ ହେଁ କିଛି ବର୍ଷ ହେଲା ଏହା ହୋଇ ଆସୁଛି । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ କିଛି ଜମି ମାଲିକ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ମାଧ୍ୟମରେ ଫେରାଦ ହୋଇଛନ୍ତି । ଜିଲାର ଖମାରସାହି, ଇଟାମାଟି ପରି ଏକାଧିକ ପ୍ରାଥମିକ ସମବାୟ ସମିତିରେ ଏହି ଧାନ କିଣାର ଦୁର୍ନୀତି ଆସିବା ପରେ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହେଉଛି ।

### ଆମ୍ବ ବଗିଚା ଓ ଜଙ୍ଗଲରେ ଫଳିଛି ଧାନ

ଆମ୍ବ ବଗିଚା, ଜଙ୍ଗଲ ଓ ପଡିଆରେ ଧାନ ଫଳୁଛି । ଏକଥା ସତ୍ୟ ହୋଇ ନ ଥିଲେ ମଧ୍ୟ ନୟାଗଡ ଜିଲାର କିଛି ଦଲାଲ ବିଭାଗୀୟ କର୍ମଚାରୀଙ୍କୁ ଧରାଧରି କରି ଜାଲ୍ କାଗଜାତରେ ଏପରି ଦର୍ଶାଇ ଧାନ ବିକ୍ରି କରୁଛନ୍ତି । ଖମାରସାହି ପ୍ରାଥମିକ କୃଷି ସମବାୟ ସମିତିରେ କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟ ପାଣ୍ଡେରିପଡା ପ୍ରାଥମିକ କୃଷି ସମବାୟ ସମିତିରେ ଏପରି ଦୁର୍ନୀତିକୁ ରୋକିବା ସମ୍ଭବ ହୋଇନାହିଁ। ଏତେବଡ଼ ଦୁର୍ନୀତିର ପର୍ଦ୍ଦାଫାଶ ପରେ ଅନ୍ୟ ଧାନମଣ୍ଡିରେ କିପରି ଧାନ କିଣା ଚାଲିଛି ତା'ର ସମୀକ୍ଷା କରାଯାଉନି । ପୁଣି ଦୁର୍ନୀତିକୁ ରୋକିବାକୁ ସରକାରୀ ସ୍ତରରେ ଆଗ୍ରହ ପ୍ରକାଶ ପାଉନି ।

### ଦଲାଲଙ୍କ ପାଖରେ ଚାଷୀଙ୍କ ପାସ୍‌ବୁକ୍

ଦଲାଲଙ୍କ ପାଖରେ ରହିଛି ପାଣ୍ଡେରୀପଡା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଶତାଧିକ ଚାଷୀଙ୍କ ପାସ୍‌ବୁକ୍, ଦସ୍ତଖତ ଥିବା ଚେକ୍ ଓ ଉଇଥ୍‌ଡ୍ରୟାଲ ଫର୍ମ। ଯେଉଁମାନଙ୍କର ନୟାଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓଡଗାଁ ଶାଖାରେ ପାସ୍‌ବୁକ୍ ରହିଛି । ଦଲାଲମାନେ ଚେକ୍, ଉଇଥ୍‌ଡ୍ରୟାଲ ଫର୍ମ ମାଧ୍ୟମରେ ଚାଷୀଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ଚାଲିଛନ୍ତି । କିଛି ବ୍ୟାଙ୍କର କର୍ମଚାରୀ ଏଥିରେ ସାମିଲ ଅଛନ୍ତି ବୋଲି ଅଭିଯୋଗ ହେଉଛି । ଚାଷୀ କିନ୍ତୁ ଜାଣିପାରୁ ନାହାନ୍ତି ତାଙ୍କ ଆକାଉଣ୍ଟକୁ କେତେ ଟଙ୍କା ଆସିଲା, କେଉଁଠୁ ଆସିଲା । କାରଣ ପାସ୍ ବୁକ୍ ବି ଚାଷୀଙ୍କ ନିକଟରେ ନାହିଁ । ମଝିରେ ମଝିରେ କିଛି ଖର୍ଚ୍ଚକୁ ଦେଇ ଦଲାଲ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବାରେ ଲାଗି ପଡିଛନ୍ତି। ଏହାର ତଦନ୍ତ କରାଗଲେ ଅନେକ ଗୁମର ଫିଟିବ ବୋଲି କୁହାଯାଉଛି।

### ଆକାଉଣ୍ଟ ପାଇଁ ଦସ୍ତଖତ ନେଇ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ

ମଦନପୁରର ପ୍ରତିମା ସାହୁ କୁହନ୍ତି ଆକାଉଣ୍ଟ ଖୋଲିବା ପାଇଁ ନେଇଥିଲେ ଦସ୍ତଖତ । ପରେ ପାସବୁକ୍ ମିଳିବା ପରେ ଜଣାପଡିଛି ଧାନ ବିକ୍ରି ନାଁରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରାଯାଇଛି । ପାସବୁକ୍ ନ ମିଳିବାରୁ ନୟାଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓଡଗାଁ ଶାଖାରେ ଅଭିଯୋଗ କରିଥିଲି । ହେଲେ ପାସ୍‌ବୁକରେ ୦୦୭୦ ୫୩୦୦୯୦୫୬ ନମ୍ବର ଆକାଉଣ୍ଟରେ କେହି ନେଇଥିବାର ଜଣାପଡିଥିଲା। ଯେଉଁ ବ୍ୟକ୍ତି ପାସବୁକ୍ ଖୋଲିବାକୁ ଦସ୍ତଖତ ନେଇଥିଲେ ତାଙ୍କୁ ପଚାରିବାରୁ ପାସବୁକ୍ ଦେଇଥିଲେ। ତେବେ ପାସବୁକ୍‌ରେ ୧୬।୩।୨୦୧୬ରେ ୬୯ ହଜାର ୯୦, ୨୩।୩।୨୦୧୬ରେ ୩୮ ହଜାର ୭୭୫, ୩୧।୩।୨୦୧୭ରେ ୭୩, ୪୭୧, ୧୬।୧୨।୨୦୧୮ରେ ୮୭, ୫୦୦, ୫।୧।୨୦୧୯ରେ ୮୫ ହଜାର ୫୦, ୧୯।୧।୨୦୧୯ରେ ୮୭,୫୦୦, ୧୮।୩।୨୦୧୯ରେ ୭୦ ହଜାର ଟଙ୍କା ଆକାଉଣ୍ଟକୁ ଆସିଥିବା ଜଣାପଡିଛି। ତେବେ ତାଙ୍କ ଆକାଉଣ୍ଟରେ ମାତ୍ର ୯୫ ଟଙ୍କା ବଳକା ରହିଛି। ମୋ ପରି ଗରିବ ଲୋକ ନାଁରେ ଲକ୍ଷାଧିକ ଟଙ୍କା ହେରଫେର କରାଯାଇଛି । ମୁଁ ଟଙ୍କା ଉଠାଇବା ପାଇଁ ଦସ୍ତଖତ ଦେଇ ନଥିବା ପ୍ରତିମା କହିଛନ୍ତି। ଯାହାକି ତଦନ୍ତସାପେକ୍ଷ। ଏ ସମ୍ପର୍କରେ ଖୋର୍ଦ୍ଧା ଏଆରସିଏସ କୁହନ୍ତି ପାଣ୍ଡେରିପଡା ଧାନ କିଣା ଦୁର୍ନୀତିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ । ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର କୁହନ୍ତି ଅଭିଯୋଗ ମିଳିନି । ମିଳିଲେ ଘଟଣାର ତଦନ୍ତ କରାଯାଇ ଖମାରସାହି ପରି କାର୍ଯ୍ୟାନୁଷ୍ଠାନ ନିଆଯିବ।

## ରୋକାଗଲା ନାବାଳିକା ବିବାହ

ଗଣିଆ,୪।୩ (ଡି.ଏନ.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକ ବେଲପଡାପାଟଣା ପଞ୍ଚାୟତରେ ମଙ୍ଗଳବାର ଏକ ନାବାଳିକା ବିବାହ ରୋକାଯାଇଛି । ୧୬ ବର୍ଷ ବୟସର ନାବାଳିକାଙ୍କ ମା' କଟକ ଜିଲା ନରସିଂହପୁର ଅଞ୍ଚଳରେ ଝିଅର ବିବାହ ପାଇଁ ଠିକ୍ କରିଥିଲେ। ଆଉ କିଛିଦିନ ପରେ ବିବାହ ପାଇଁ ଉଭୟ ପରିବାର ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା। ବିଶେଷସୂତ୍ରରୁ ଖବର ପାଇ ବାଲ୍ୟ ବିବାହ ନିଷେଧ ଅଧିକାରୀ ତଥା ସିଡିପିଓ ଲକ୍ଷ୍ମୀ ଦାସ, ସୁପରଭାଇଜର କଳ୍ପନା ମିଶ୍ର, ଚୁନି ଦାଶ ଓ ଚାଇଲ୍ଡଲାଇନର ଆନନ୍ଦ ଚନ୍ଦ୍ର ବେହେରା ଗ୍ରାମରେ ପହଞ୍ଚି ନାବାଳିକା ମା'ଙ୍କୁ ବୁଝାଶୁଝା କରିବା ସହ ବିବାହ ବନ୍ଦ ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ନାବାଳିକାଙ୍କ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ଜଣେ ଦିବ୍ୟାଙ୍ଗ ମହିଳା। ଆର୍ଥିକ ଅନଟନ ଲାଗିରହିଥିବାବେଳେ ଝିଅର ବିବାହ ହୋଇପାରିବ କି ନାହିଁ ଭାବି ତାଙ୍କ ମା' ମାଟ୍ରିକ ପରୀକ୍ଷା ପରେ ପରେ ବିବାହ କରାଇଦେବାକୁ ମନସ୍ଥ କରିଥିଲେ।

## ସଂକ୍ଷେପରେ

### ଜଳିଗଲା ୨ ହଜାର ଧାନ କଳେଇ

**ରଣପୁର,୪।୩(ସ୍ୱ.ପ୍ର.):** ରଣପୁର ତହସିଲ ବଜ୍ରକୋଟ ପଞ୍ଚାୟତ କ୍ଷେତ୍ରିବରପୁର ଗ୍ରାମର ଚାଷୀ ଚନ୍ଦ୍ରଶେଖର ପ୍ରଧାନଙ୍କ ବାରିରେ ଥିବା ୨ ହଜାର ୩୦ କଳେଇ ମଙ୍ଗଳବାର ରାତିରେ ପୋଡିଯାଇଛି। ପୋଡି ଯାଇଥିବା ଧାନର ଦାମ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ରଣପୁର ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଉଦ୍ଧାର ହୋଇଥିବା ଧାନ ଖାଦ୍ୟ ଉପଯୋଗୀ ହୋଇପାରିବ ନାହିଁ ବୋଲି ଜଣାପଡିଛି। କେହି ଦୁର୍ବୃତ୍ତ ମଙ୍ଗଳବାର ରାତିରେ ନିଆଁ ଲଗାଇଦେଇଥିବା ନେଇ ରଣପୁର ଥାନାରେ ଅଭିଯୋଗ ହୋଇଛି। ମାମୁ ପୁଅ ଭାଇଙ୍କ ଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ଚନ୍ଦ୍ରଶେଖରଙ୍କ ପରିବାର ଅରଖପଦା ଯାଇଥିଲେ। ସେମାନଙ୍କ ଅନୁପସ୍ଥିତି ସୁଯୋଗରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଛନ୍ତି।

### ମହିଳା ପୋଲିସକୁ ମାଡ଼ମାରି ୨ ଜେଲ ଗଲେ

**ରଣପୁର,୪।୩(ସ୍ୱ.ପ୍ର.):** ମହିଳା ପୋଲିସକୁ ମାଡ଼ ମାରିବା ଅଭିଯୋଗରେ ରଣପୁର ଥାନା ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବେଗୁନିଆ ଥାନା ବାଇଆପଲ୍ଲୀ ଗାଁର ନୀଳକଣ୍ଠ ବଇରିଗଞ୍ଜନ (୩୦) ଓ ଭିନ୍ନକ୍ଷମ ସୁଶାନ୍ତ କୁମାର ନାୟକ (୩୧)। ଏହି ଦୁଇ ଯୁବକ ମଙ୍ଗଳବାର ରଣପୁରରୁ କୋଟଗଡ ଦେଇ ଘରକୁ ଫେରୁଥିଲେ। କୋଟଗଡ ଘାଟିଠାରେ ସାଦା ପୋଷାକରେ ଥିବା ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ସେମାନେ ମହିଳା ପୋଲିସକୁ ଦୁର୍ବ୍ୟବହାର ସହ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୫୮/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଓଲସିଂ ପଞ୍ଚାୟତ ଅଫିସ୍‌ରୁ ଲାପ୍‌ଟପ୍ ଚୋରି ଅଭିଯୋଗ

**ଖୋର୍ଦ୍ଧା ଅଫିସ,୪।୩:** ଖୋର୍ଦ୍ଧା ଜିଲା ଟାଙ୍ଗି ବ୍ଲକ ଅନ୍ତର୍ଗତ ଓଲସିଂ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଲାପ୍‌ଟପ ଚୋରି ହୋଇଥିବା ନେଇ ବୁଧବାର ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୫୩/୨୦) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଅଭିଯୋଗରୁ ପ୍ରକାଶ ଯେ, ଗତ ୨୮ ତାରିଖ ରାତିରେ ପଞ୍ଚାୟତ କାର୍ଯ୍ୟାଳୟରୁ ସେହି ଗ୍ରାମର ଜଣେ ବ୍ୟକ୍ତି ୬୦ ହଜାର ଟଙ୍କା ମୂଲ୍ୟର ଗୋଟିଏ ଲାପ୍‌ଟପ ସହିତ ନଗଦ ୧୪ ହଜାର ଆଠଶହ ଟଙ୍କା ଚୋରି କରିନେଇଛନ୍ତି। ଏନେଇ ଥାନାରେ ସରପଞ୍ଚ ପ୍ରେମାନନ୍ଦ ପରିଡା ଅଭିଯୋଗ କରିଥିଲେ।

## ହଦପଶି ହତ୍ୟା ଘଟଣାରେ ଆଉ ୩ ଗିରଫ

ଗଣିଆ,୪।୩ (ଡି.ଏନ.ଏ.)


ଗିରଫ ଚରଣ, ନାରଣ ଓ ମମତା।

ଗଣିଆ ଥାନା ଉପରହଦପଶି ହତ୍ୟା ଘଟଣାରେ ମଙ୍ଗଳବାର ରାତିରେ ପୋଲିସ ଆଉ ୩ଜଣ ଆକ୍ରମଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଉପର ହଦପଶି ଗ୍ରାମର ଚରଣ ବେହେରା (୪୦), ନାରଣ ବେହେରା (୪୫) ଓ ମମତା ବେହେରା (୩୫)। ବୁଧବାର ପୂର୍ବାହ୍ନରେ ଏମାନଙ୍କୁ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଗଣିଆ ଥାନା ସବ୍‌ଇନ୍ସପେକ୍ଟର ଶ୍ରଦ୍ଧା ନାୟକଙ୍କଠାରୁ ସୂଚନା ମିଳିଛି। ଗତ ଶୁକ୍ରବାର ରାତିରେ ଉପର ହଦପଶି ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଦଣ୍ଡଧର ବେହେରାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ପୂର୍ବରୁ ଗଦା (ସୁଶାନ୍ତ) ବେହେରା ଓ ଅଇଲା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ୩ଜଣ ଆହତ ହୋଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ଏପରିସ୍ଥଳେ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତିଙ୍କ ନେତୃତ୍ୱରେ ମୃତ ଦଣ୍ଡଧରଙ୍କ ପରିବାର ମଙ୍ଗଳବାର ଏସ୍‌ପିଙ୍କୁ ଭେଟି ଅନ୍ୟ ହତ୍ୟାକାରୀଙ୍କୁ ଗିରଫ ପାଇଁ ଦାବି କରିଥିଲେ। ପରେ ଗଣିଆ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରି ଚିକିତ୍ସିତ ହେଉଥିବା ଚରଣ, ନାରଣ ଓ ମମତା ସୁସ୍ଥ ଥିବା ଜାଣିବା ପରେ ସେମାନଙ୍କୁ ଗିରଫ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ଆକ୍ରମଣ ଘଟଣାରେ ୫ଜଣ ଗିରଫ ହୋଇଥିବା ବେଳେ ପୋଲିସ ତରଫରୁ ଅଧିକ ତଦନ୍ତ ଜାରି ରହିଛି। ଘଟଣାରେ ଅନ୍ୟ କୌଣସି ବ୍ୟକ୍ତି ସମ୍ପୃକ୍ତ ଥିବା ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଫିସର ନାୟକଙ୍କଠାରୁ ପ୍ରକାଶ।

## ଯୁକ୍ତ ୨ କଳାରେ ୪୧୩ ଛାତ୍ରୀଛାତ୍ର ପରୀକ୍ଷା ଦେଲେ

ଗଣିଆ,୪।୩ (ଡି.ଏନ.ଏ.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଚଳିତ ବର୍ଷର ବିଜ୍ଞାନ ଓ କଳା ପରୀକ୍ଷା ଆରମ୍ଭ ହୋଇଯାଇଛି। ଗଣିଆ ବ୍ଲକର ୩ ପରୀକ୍ଷା କେନ୍ଦ୍ରରେ ୧୨୯ ଛାତ୍ରୀଛାତ୍ର ବିଜ୍ଞାନ ଓ ୪୧୩ଜଣ କଳାରେ ପରୀକ୍ଷା ଦେଇଥିବା ଜଣାପଡିଛି। ଗତ ମଙ୍ଗଳବାର ଆରମ୍ଭ ହୋଇଥିବା ବିଜ୍ଞାନ ପରୀକ୍ଷା ପାଇଁ ଡ. ଆର.ସି. ସାମନ୍ତରାୟ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ୭୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୭ଜଣ ଅନୁପସ୍ଥିତ ଥିଲେ। ସେହିପରି ଆଡକଟାସ୍ଥିତ ବନମାଳୀ ବାରିକି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୫୮ଜଣ ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ରହିଥିଲେ। ବୁଧବାର ଆରମ୍ଭ ହୋଇଥିବା କଳା ବିଭାଗ ପରୀକ୍ଷା ପାଇଁ ବନମାଳୀ ବାରିକି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ ୧୪୯ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସେହିପରି ଗଣିଆସ୍ଥିତ ଶ୍ରୀ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେନ୍ଦ୍ରରେ କଳା ବିଭାଗରେ ୨୬୪ଜଣ ପରୀକ୍ଷା ଦେଇଥିବା ବେଳେ ୧୨ଜଣ ଅନୁପସ୍ଥିତ ରହିଥିବା ଜଣାପଡିଛି । ସମସ୍ତ ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ହୋଇଥିବା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷଙ୍କଠାରୁ ସୂଚନା ମିଳିଛି।

## ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥ ନିମନ୍ତେ କାଠ ଅନୁକୂଳ


ରଥ କାଠ ପୂଜାର୍ଚ୍ଚନା କରାଯାଉଛି।

ଖଣ୍ଡପଡ଼ା,୪।୩(ସ୍ୱ.ପ୍ର.)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ଖଣ୍ଡପଡ଼ାଠାରେ ବୁଧବାର ସନ୍ଧ୍ୟାରେ କାଠ ଅନୁକୂଳ ଅନୁଷ୍ଠିତ ହୋଇଛି । ଖଣ୍ଡପଡ଼ା ଏନ୍‌ଏସିର ୧ନଂ. ୱାର୍ଡ ଟିଙ୍କରୁଆ ଗ୍ରାମ ନିକଟରୁ ସ୍ଥାନୀୟ ବନ ବିଭାଗ ସହାୟତାରେ ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ଆମ୍ବଗଛଗୁଡିକୁ ଚିହ୍ନଟ କରାଯାଇଥିଲା। ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା, ତହସିଲଦାର ପାର୍ଥସାରଥି ହାଁସଦା, ବନପାଳ ଶ୍ରୀନିବାସ ଦାଶ ଓ ଶ୍ରୀନିବାସ ମହାପାତ୍ରଙ୍କ ସମେତ ଲିଙ୍ଗରାଜ ମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ହେମନ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମ୍ବକାଠକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ୩ଟି ଆମ୍ବଗଛକୁ ଟ୍ରକ୍‌ରେ ଲଦାଯାଇ ଭୁବନେଶ୍ୱର ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ତିନୋଟି ଆମ୍ବକାଠ ଗଣ୍ଡି ପଠାଯାଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ୮ଟି ଆମ୍ବ ଗଣ୍ଡି ପଠାଯିବ ବୋଲି ବନାଞ୍ଚଳ ଅଧିକାରୀ ପଣ୍ଡାଙ୍କଠାରୁ ପ୍ରକାଶ। ସୂଚନାଯୋଗ୍ୟ ରାଜାରାଜୁଡା ଅମଳରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣାରଥ ନିର୍ମାଣ ନିମନ୍ତେ କାଠଗଣ୍ଡି ଖଣ୍ଡପଡା ଅଞ୍ଚଳରୁ ପଠାଯାଉଛି।

## ଯୁକ୍ତ ୨ କଳା ପରୀକ୍ଷା ଶୃଙ୍ଖଳାର ସହ ଆରମ୍ଭ

**ଖଣ୍ଡପଡ଼ା,୪।୩(ସ୍ୱ.ପ୍ର.):** ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନରେ ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟରେ ୪୧୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪ଜଣ ଅନୁପସ୍ଥିତ ଥିଲେ। କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ୩୦୬ଜଣରୁ ଜଣେ ଅନୁପସ୍ଥିତ ଥିଲେ। ପ୍ରହ୍ଲାଦ ଜୁନିୟର ମହାବିଦ୍ୟାଳୟ ପଦ୍ମାବତୀ କଲେଜ କଳା ଓ ବାଣିଜ୍ୟ ବିଭାଗରେ ୧୬୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଭାପୁର ଆଞ୍ଚଳିକ ମହାବିଦ୍ୟାଳୟରେ ୧୩୯ରୁ ୨ ଜଣ ଅନୁପସ୍ଥିତ ରହିଥିବାବେଳେ ଖଣ୍ଡପଡା ମହିଳା ମହାବିଦ୍ୟାଳୟରେ ୨୩୭ଜଣରୁ ୪ ଛାତ୍ରୀ ଅନୁପସ୍ଥିତ ରହିଥିବା ଖଣ୍ଡପଡା ହବ୍ ସେଣ୍ଟର ଡେପୁଟି ସୁପରଭାଇଜରଙ୍କଠାରୁ ସୂଚନା ମିଳିଛି।

## ୪ର୍ଥ ସନ୍ଧ୍ୟାରେ ଲାଲ ପାଏନ୍ ମଞ୍ଚସ୍ଥ

ନୟାଗଡ ଅଫିସ,୪।୩

ପଠାଣି ସାମନ୍ତ ଅଡିଟୋରିୟମରେ ଚାଲୁ ରହିଛି ରାଜ୍ୟ ସ୍ତରୀୟ ନାଟ୍ୟ ମହୋତ୍ସବ ୨୦୨୦ । ଏହାର ୪ର୍ଥ ଦିବସ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ଲାଲ ପାଏନ୍ ନାଟକ । ଏଥିରେ ହୀରାକୁଦ ନଦୀବନ୍ଧର ବ୍ୟଥା ପ୍ରତିଫଳିତ ହୋଇଛି । ମହାନଦୀ ବନ୍ୟାରେ ଓଡ଼ିଶାର ଉପକୂଳବର୍ତ୍ତି ଅଞ୍ଚଳର ଅନେକ ଜିଲା କ୍ଷତିଗ୍ରସ୍ତ ହେଉଥିଲା। ବାରମ୍ବାର ବନ୍ୟା ପରେ ହୀରାକୁଦ ନଦୀବନ୍ଧ ଯୋଜନାର ଶୁଭ ଦିଆଗଲା । ତେବେ ହୀରାକୁଦ ନଦୀବନ୍ଧ ପୂର୍ବରୁ ଭୂ-ଅର୍ଜନ ଆଇନକୁ ପ୍ରତ୍ୟାହାର କରି ୧୯୮୪ ସ୍ୱତନ୍ତ୍ର ଭୂ -ଅର୍ଜନ ଆଇନ ଅଣାଗଲା । ଏଥିରେ ଏକର ପିଛା ୧୦ରୁ ୧୫ ଟଙ୍କା କ୍ଷତିପୂରଣ ରହିଥିଲା । ସ୍ୱଳ୍ପ ସହାୟତା ରାଶି ନେଇ ଅସନ୍ତୋଷ ପ୍ରକାଶ ପାଇଲା । ପ୍ରବଳ ଜନ ବିରୋଧ ସତ୍ତ୍ୱେ ବନ୍ଧ ନିର୍ମାଣ କରାଗଲା । ଯେଉଁମାନେ ଜମି ହରାଇଲେ ଅଳ୍ପରେ ସନ୍ତୁଷ୍ଟ ହେଲେ । ଭୂମିହୀନ କିଛି ନ ପାଇ ତଡା ଖାଇଲେ । ଏବେ ବି ଅନେକ ବିସ୍ଥାପିତ ସହାୟତା ରାଶି ପାଇବାରେ ବଞ୍ଚିତ ହୋଇ ରହିଛନ୍ତି । ନାଟ୍ୟକାର ତାଙ୍କ ନାଟକରେ ଦର୍ଶାଇଛନ୍ତି ହୀରାକୁଦ ଜଳଭଣ୍ଡାରରେ ଗଚ୍ଛିତ ହୋଇଥିବା ପାଣି କେବଳ ପାଣି ନୁହେଁ । ଏହା ହଜାର ହଜାର ଲୋକଙ୍କର ରକ୍ତରୁ ଶୋଷି ନେଇଥିବା ଲାଲ ପାଏଁନ ବୋଲି ଟିପ୍ପଣୀ ଦିଆଯାଇଛି। ବେଲପାହାଡର ମିରର୍ ଥିଏଟର ପକ୍ଷରୁ ପରିବେଷିତ ଏହି ନାଟକର ଲେଖକ ସୁବାସ ଚନ୍ଦ୍ର ପ୍ରଧାନ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ନାଟ୍ୟଧାରା ପକ୍ଷରୁ ଆୟୋଜିତ ନାଟକ ମହୋତ୍ସବର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଟ୍ୟଧାରାର ନିର୍ଦ୍ଦେଶକ ବିଜୟ ଚୌଧୁରୀ ଓ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ।


ନାଟକର ଏକ ଦୃଶ୍ୟ।

# ବିଗିଡ଼ିଚାଲିଛି ରଣପୁର ଆଇନଶୃଙ୍ଖଳା

- ପୋଲିସଠାରୁ ମିଳୁନି ନ୍ୟାୟ
- ଅଭିଯୋଗର ୩୦ ଘଣ୍ଟା ପରେ ରୁଜୁ ହେଉନି ମାମଲା

ନୟାଗଡ ଅଫିସ/ରଣପୁର,୪।୩(ସ୍ୱ.ପ୍ର.)

ରଣପୁର ଥାନା ପୋଲିସଠାରୁ ନ୍ୟାୟ ମିଳୁ ନ ଥିବା ଅଭିଯୋଗ ହେଉଛି । ଅଭିଯୋଗର ୨୪ ଘଣ୍ଟା ଭିତରେ ମାମଲା ରୁଜୁ ହେବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । ତେବେ ଏଠାରେ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରି ୩୦ ଘଣ୍ଟା ପରେ ବି ମାମଲା ରୁଜୁ କରାଯାଇ ନାହିଁ। ପୋଲିସର ଏପରି କାର୍ଯ୍ୟକଳାପ ଆଇନଶୃଙ୍ଖଳା ପରିସ୍ଥିତିକୁ ବିଗାଡି ଦେବବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

ଅଭିଯୋଗ ଅନୁସାରେ ଗୌରାଙ୍ଗପୁରରେ କଙ୍ଗାରୁ କୋର୍ଟ ବସି ରବୀନ୍ଦ୍ର ବେହେରାଙ୍କ ଘରକୁ ମଙ୍ଗଳବାର ଭୋରରେ ଭାଙ୍ଗି ଦିଆଗଲା । ଘରର ଉପକରଣ ସହ ବାକ୍ସରେ ରଖିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୩୫ ହଜାର ଟଙ୍କାକୁ ମଧ୍ୟ ଲୁଟି ନେଇଥିଲେ। ଏ ନେଇ ରବୀନ୍ଦ୍ରଙ୍କ ପତ୍ନୀ ଉର୍ମିଳା ରଣପୁର ଥାନାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅଭିଯୋଗ କରିଥିଲେ । ୩ ଘଣ୍ଟା ଅପେକ୍ଷା ପରେ ପୋଲିସ ଅଭିଯୋଗ ଗ୍ରହଣ କରିଥିଲା । ବୁଧବାର ପୂର୍ବାହ୍ନ ୧୧ଟା ପରେ ବି ପୋଲିସ ଭଙ୍ଗା ଯାଇଥିବା ଘରର ତଦନ୍ତ କଲାନି। ଏପରିକି ମାମଲା ରୁଜୁ ନ କରି ଚୁପ ରହିଗଲା ।


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଦମ୍ପତି।

### ଏସ୍‌ପିଙ୍କୁ ଭେଟିଲେ କ୍ଷତିଗ୍ରସ୍ତ ପରିବାର

କଙ୍ଗାରୁ କୋର୍ଟରେ ଦଣ୍ଡିତ ପରିବାର ରଣପୁର ଥାନା ପୋଲିସଠାରୁ ନ୍ୟାୟ ନ ପାଇ ବୁଧବାର ନୟାଗଡ ଏସପିଙ୍କୁ ଭେଟି ନିଜର ଦୁଃଖ ଜଣାଇଛନ୍ତି । ଘର ଭାଙ୍ଗିବା ଓ କଙ୍ଗାରୁ କୋର୍ଟ ସମ୍ପର୍କରେ ଶୁଣିବା ପରେ ମକଦ୍ଦମା କରାଯାଇ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଏସପି ପ୍ରତିଶ୍ରୁତି ଦେଇଥିବା ଗୌରାଙ୍ଗପୁରର ରବୀନ୍ଦ୍ର ଓ ତାଙ୍କ ସ୍ତ୍ରୀ କହିଛନ୍ତି । ହେଲେ ପୋଲିସ ଏତଲା କପି ଦେଲାନି । କପି ନଦେବାରୁ ପୋଲିସ ମାମଲା ରୁଜୁ କରି ନ ଥିବା ରବୀନ୍ଦ୍ର ସୂଚନା ଦେଇଛନ୍ତି । ଏସପିଙ୍କୁ ଅଭିଯୋଗ ପରେ ନ୍ୟାୟ ମିଳୁ ନ ଥିବାରୁ ସେ କେଉଁ ପଦକ୍ଷେପ ନେବେ ଚିନ୍ତିତ ହୋଇ ପଡିଛନ୍ତି । ଘରଭଙ୍ଗା, ଟଙ୍କା ଲୁଟ୍ ଓ କଙ୍ଗାରୁ କୋର୍ଟ ପରି ଘଟଣାରେ ପୋଲିସର ସହଯୋଗ ନ ମିଳିବାରୁ ସେ ପୋଲିସ ବ୍ୟବସ୍ଥାକୁ ଉଠାଇ ନିଆଯାଉ ବୋଲି କ୍ଷୋଭର ସହ କହିଛନ୍ତି ।

### ପ୍ରତିବାଦ କଲେ ମାମଲା କରୁଛନ୍ତି ମହିଳା ପୋଲିସ

ପୋଲିସ ବିରୋଧରେ ମୁହଁ ଖୋଲିଲେ ଜଣେ ମହିଳା ପୋଲିସ ମାମଲା ରୁଜୁ କରି ଫସାଇ ଦେଉଥିବା ଅଭିଯୋଗ ହେଉଛି । ଏଭଳି ଅଭିଯୋଗ ରଣପୁର ଥାନା ପୋଲିସ ନାଁରେ ଆସିଛି । ଏ ନେଇ ପୋଲିସ ବିରୋଧରେ ଆନ୍ଦୋଳନ କରିବାକୁ ଲୋକେ ସଜବାଜ ହେଉଛନ୍ତି। ଏପରିକି ଆଇଆଇସିଙ୍କ ସମେତ ସଂପୃକ୍ତ ମହିଳା ପୋଲିସଙ୍କୁ ବଦଳି କରି ଘଟଣାର ତଦନ୍ତ କରିବାକୁ ଦାବି ହେଉଛି। ଅଭିଯୋଗ ଅନୁସାରେ ମହିଳା ପୋଲିସଙ୍କୁ ଦୁର୍ବ୍ୟବହାର ଓ ମାଡ ମାରିବା ଅଭିଯୋଗରେ ରଣପୁର ଥାନା ପୋଲିସ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ବାଇଆପଲ୍ଲୀ ଗାଁର ନୀଳକଣ୍ଠ ବଇରୀଗଞ୍ଜନ(୩୦) ଓ ଭିନ୍ନକ୍ଷମ ସୁଶାନ୍ତ କୁମାର ନାୟକ(୩୧)ଙ୍କୁ ଗିରଫ କରିଥିଲା। ବୁଧବାର ସେମାନଙ୍କୁ ଜେଲ ପଠାଯାଇଛି । ତେବେ ଉଭୟ ଯୁବକ ଜେଲ ଯିବା ପରେ ନୟାଗଡ ଜିଲାରେ ପୋଲିସର କାର୍ଯ୍ୟଧାରାକୁ ନିନ୍ଦା କରିଛନ୍ତି। ଉଭୟଙ୍କ ସୂଚନା ଅନୁସାରେ କୋଟଗଡ ଘାଟିରେ ପୋଲିସ ସେମାନଙ୍କ ବାଇକ ଅଟକାଇ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଗାଳିଗୁଲଜ କରିଥିଲା। ସାଦା ପୋଷାକରେ ପୋଲିସକୁ ଚିହ୍ନି ନ ପାରି ପ୍ରତିବାଦ କରିବାରୁ ପରେ ଭୁଲ ନ ଥାଇ ସେମାନଙ୍କୁ ଗିରଫ କରାଗଲା। ପରେ ମହିଳା ପୋଲିସ ତାଙ୍କ ନାଁରେ ମିଥ୍ୟା ଅଭିଯୋଗ ଆଣି କୋର୍ଟ ଚାଲାଣ କରିଦେଲେ । ଘଟଣାର ତଦନ୍ତ କରାଯାଇ ଆମକୁ ନ୍ୟାୟ ମିଳୁ ବୋଲି ଉଭୟ ଯୁବକ କହିଛନ୍ତି । ଅନ୍ୟ ସୂଚନା ଅନୁସାରେ ସଂପୃକ୍ତ ମହିଳା ପୋଲିସ ୪ମାସରେ ୩ଜଣଙ୍କ ନାଁରେ ମାମଲା ରୁଜୁ କରିଥିବା ଜଣାପଡିଛି । ୩୦ ନଭେମ୍ବରରେ ଥାନାକୁ ଆସିଥିବା ବାମଡା ଗାଁର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସେହିଭଳି ଜାନୁୟାରୀ ୯ରେ ରଣପୁରର ଜଣେ ଯୁବକଙ୍କ ନାଁରେ ଅନୁରୂପ ମାମଲା ରୁଜୁ ହୋଇଛି। ତେବେ ସମ୍ପୃକ୍ତ ଯୁବକ ଚକମା ଦେଖାଇ ଖସି ଯାଇ କୋର୍ଟରୁ ବେଲ୍‌ରେ ଆସିଛନ୍ତି । ଦୁର୍ବ୍ୟବହାର ଓ ପୋଲିସକୁ ମାଡମରା ସବୁ ଅଭିଯୋଗରେ ଦର୍ଶାଯାଇଥିବାର କୁହାଯାଉଛି । ତେବେ ୩ଟି ଘଟଣାର ଅଭିଯୁକ୍ତମାନେ ପୋଲିସର କାର୍ଯ୍ୟକୁ ପ୍ରତିବାଦ କରି ତାଙ୍କୁ ଫସାଇ ଦିଆଯାଇଛି ବୋଲି କହିଛନ୍ତି । ଘଟଣା ସମ୍ପର୍କରେ ଭାରପ୍ରାପ୍ତ ଏସପି ଦିଲ୍ଲୀପ ସାହାଣୀ କୁହନ୍ତି ଘରଭଙ୍ଗା ଓ ଟଙ୍କା ଲୁଟ୍ ଘଟଣାରେ ରଣପୁର ଥାନା ପୋଲିସକୁ ମକଦ୍ଦମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ମକଦ୍ଦମା ହୋଇଛି କି ନାଁ ମୁଁ ଆଉ ବୁଝିନି । ତେବେ ପୋଲିସ ନିଶ୍ଚୟ ମକଦ୍ଦମା ରୁଜୁ କରିବ । କୋଟଗଡ ଘାଟିରୁ ଦୁଇ ଯୁବକ ଗିରଫ ଘଟଣାରେ ଏସପି କହିଥିଲେ ପୋଲିସ ପ୍ରତି ଖରାପ ବ୍ୟବହାର ହୋଇ ନ ଥିଲେ କୋର୍ଟଚାଲାଣ କରାଯାଇ ନ ଥାନ୍ତା । ତଥାପି ଉକ୍ତ ଘଟଣାର ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

